ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୨ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 12 FEBRUARY 2025

Vol.No. 36 ■ No.41 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ପଞ୍ଜିକାରେ ବିଭ୍ରାନ୍ତିକର ତଥ୍ୟ ଦେଲେ ହେବ ଆଇନଗତ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୧/୨(ନି.ପ୍ର) : ପଞ୍ଜିକାରେ ବିଭ୍ରାନ୍ତିକର ତଥ୍ୟ ଦେଲେ ହେବ ଆଇନଗତ କାର୍ଯ୍ୟାନୁଷ୍ଠାନ। ଗୋଟିଏ ଦିନ ଓ ଗୋଟିଏ ତିଥିରେ ସମସ୍ତେ ପାଳନ୍ତୁ ନିର୍ଦ୍ଦିଷ୍ଟ ପର୍ବପର୍ବାଣୀ। ଗୋଟିଏ ପର୍ବ ପାଇଁ ପାଞ୍ଜିରେ ନରହୁ ୨ଟି ଭିନ୍ନ ଭିନ୍ନ ତାରିଖ। ଖାସ୍ କରି ଶ୍ରୀମନ୍ଦିରରେ ପାଳନ ହେଉଥିବା ପର୍ବ ଓ ଉତ୍ସବ ଗୁଡ଼ିକରେ ଯେପରି କୌଣସି ଦ୍ୱନ୍ଦ୍ୱ ନରହେ, ସେଥିପାଇଁ ପଞ୍ଜିକାଗୁଡ଼ିକୁ ନିର୍ଭୁଲ୍ ଓ ତ୍ରୁଟିଶୂନ୍ୟ କରିବାକୁ ବଡ଼ ପଦକ୍ଷେପ ନେଇଛି ପ୍ରଶାସନ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଞ୍ଜିକା ସମନ୍ୱୟ ବୈଠକରେ ୫ଟି ପାଞ୍ଜିକୁ ମିଳିଛି ସ୍ୱୀକୃତି। ଆଜି ଶ୍ରୀମନ୍ଦିରରେ ପ୍ରଚଳିତ ବିଭିନ୍ନ ପର୍ବୋତ୍ସବର ତିଥି ଓ ତାରିଖକୁ ନେଇ ଓଡ଼ିଆ ପଞ୍ଜିକା ଗୁଡ଼ିକରେ ଯେପରି କୌଣସି ତ୍ରୁଟି କି ତାରତମ୍ୟ ନରହେ, ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଥିଲା ଗୁରୁତ୍ୱପୂର୍ଣ୍ଣ ପଞ୍ଜିକା ସମନ୍ୱୟ ବୈଠକ। ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ, ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦାଖଲ ୫ଟି ପଞ୍ଜିକାର ପାଣ୍ଡୁଲିପିକୁ ମିଳିଛି ସ୍ୱୀକୃତି। ସେଗୁଡ଼ିକ ହେଲା ଶ୍ରୀ ରାଧାରମଣ ବିଶୁଦ୍ଧ ଖଡ଼ିରନ୍ ପଞ୍ଜିକା, ଓଡ଼ିଶା କୋହିନୂର ପ୍ରେସ୍ ପଞ୍ଜିକା, ଅରୁଣୋଦୟ ପ୍ରେସ୍ ଖଡ଼ିରନ୍ ପଞ୍ଜିକା, ଜି.ଏନ୍. ତ୍ରିପାଠୀ ଉତ୍କଳ ଜାତୀୟ ଖଡ଼ିରନ୍ ପଞ୍ଜିକା ଏବଂ ଭାଗ୍ୟଦୀପ ପଞ୍ଜିକା। ଏହି ୫ଟି ପାଞ୍ଜିର ପଞ୍ଜିକାର ଓ ପ୍ରକାଶକମାନେ ନିଜର ପାଣ୍ଡୁଲିପି ଦାଖଲ କରିବା ସହ ଶ୍ରୀମନ୍ଦିରରେ ପ୍ରଚଳିତ ନୀତିକାନ୍ତିରେ ସମନ୍ୱୟ ରଖିବାକୁ ସହମତି ପ୍ରକାଶ କରିଥିଲେ।

▶▶ପୃଷ୍ଠା ୭

ଓଡ଼ିଶା କଂଗ୍ରେସକୁ ମିଳିଲା ନୂଆ ମୁଖିଆ

ଭକ୍ତ ଦାସ ନୂଆ ପସସ ସଭାପତି

ଭୁବନେଶ୍ୱର, ୧୧/୨(ନି.ପ୍ର) : ଶେଷ ହେଲା ସବୁ ପ୍ରତୀକ୍ଷାର ଅନ୍ତ। ରାଜ୍ୟ କଂଗ୍ରେସକୁ ମିଳିଲା ନୂଆ ମୁଖିଆ । ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାସଙ୍କୁ ନୂଆ ପିସିସି ମୁଖିଆ ଭାବେ ନିଯୁକ୍ତ କରିଛି ଏଆଇସିସି । ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ପ୍ରେସ ବିଜ୍ଞପ୍ତି ଜାରି କରି ଏନେଇ ସୂଚନା ଦେଇଛନ୍ତି । ତେବେ ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ, କଂଗ୍ରେସର ସମସ୍ତ କମିଟିକୁ ଭାଙ୍ଗି ଦେଇଥିଲେ ହାଇକମାଣ୍ଡ । ଏହାପରେ ପିସିସି ସଭାପତି ପଦରୁ ହଟିଥିଲେ ଶରତ ପଟ୍ଟନାୟକ । ଏହାପରେ ଦୀର୍ଘ ଦିନ ବିତିଯାଇଥିଲେ ବି, କଂଗ୍ରେସ ନିଜର ମୁଖିଆ ବାଛିପାରିନଥିଲା । ଖାସ୍ କରି କିଏ କଂଗ୍ରେସର ନୂଆ ଓଡ଼ିଶା ମୁଖିଆ ହେବ, ତାକୁ ନେଇ ଚର୍ଚ୍ଚା ବଢିଥିଲା। ଆଉ ଏହାରି ଭିତରେ ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସଙ୍କୁ ନୂଆ ଦାୟିତ୍ୱ ଦେଇଛନ୍ତି କଂଗ୍ରେସର ହାଇକମାଣ୍ଡ । ଜଣେ ବରିଷ୍ଠ କଂଗ୍ରେସ ନେତା ଭାବେ ଭକ୍ତ ଦାସ ବେଶ ପରିଚିତ୍ । ସାଂସଦ ଭାବେ ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି । ତେବେ ଚଳିତ ଥର ସେ ବିଧାନସଭା ଆସନ ପାଇଁ ଭାଗ୍ୟ ପରୀକ୍ଷା କରିଥିଲେ ବି, ଫେଲ୍ ମାରିଥିଲେ । ନର୍ଲା ବିଧାନସଭା ଆସନରୁ ଲଢିଥିଲେ ବି, ପରାଜୟ ବରଣ କରିଥିଲେ ଭକ୍ତ ଦାସ । ତେବେ ଏବେ ତାଙ୍କୁ ପିସିସି ମୁଖିଆ କରିବା ସହିତ ବଡ଼ ଦାୟିତ୍ୱ ଦେଇଛନ୍ତି କଂଗ୍ରେସ ହାଇକମାଣ୍ଡ । ଭକ୍ତ ଚରଣ ଦାସ ଓଡ଼ିଶା ବିଧାନସଭାରେ ଜଣେ ବିଧାୟକ ଭାବରେ ଥରେ ଏବଂ ଲୋକସଭା ସଂସଦ ଭାବରେ ତିନି ଥର କାର୍ଯ୍ୟ କରିଛନ୍ତି । ୧୯୮୫ ମସିହାର ଓଡ଼ିଶା ବିଧାନସଭା ନିର୍ବାଚନରେ ସେ ଭବାନୀପାଟଣା ବିଧାନସଭା ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଏହାପରେ ୧୯୮୯, ୧୯୯୬ ଓ ୨୦୦୯ ସାଧାରଣ ନିର୍ବାଚନରେ ସେ କଳାହାଣ୍ଡି ଲୋକସଭା ନିର୍ବାଚନମଣ୍ଡଳୀରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ ।

ପୁରୀ ବାଇପାସ୍ ଟଙ୍କପାଣି ରୋଡ଼ରେ ଭୟଙ୍କର ଦୁର୍ଘଟଣା: ୩ ମୃତ

ଭୁବନେଶ୍ୱର, ୧୧/୨ (ନି.ପ୍ର): ପୁରୀ ବାଇପାସ୍ ଟଙ୍କପାଣି ରୋଡ଼ରେ ଭୟଙ୍କର ଦୁର୍ଘଟଣା ଘଟିଛି । ଗତକାଲି ବିଳମ୍ବିତ ରାତିରେ ବାଇକକୁ ଧକା ଦେଇଛି କାର । ଘଟଣାସ୍ଥଳରେ ବାଇକରେ ଯାଉଥିବା ୩ଜଣଙ୍କର ମୃତ୍ୟୁ ହୋଇଛି । ସମସ୍ତଙ୍କ ଘର ରାଜ୍ୟ ବାହାରର ହୋଇଥିବା ସୂଚନା ମିଳିଛି । ଜିଜିପି କଲୋନୀ ଅଞ୍ଚଳରେ ଲେବର କାମ କରୁଥିବା ପୋଲିସ ସୂଚନା ମିଳିଛି । ସେପଟେ ଦୁର୍ଘଟଣା ଘଟାଇଥିବା କାର ଚାଳକ ଫେରାର ହୋଇଯାଇଛି । ଘଟଣାରେ ମାଲିକକୁ ଅଟକ ରଖିଲା ପୋଲିସ । ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି ପୋଲିସ । ବିଳମ୍ବିତ ରାତିରେ ବାଇକରେ ବସି ୩ଜଣ ରଙ୍ଗରୁଟରେ ଯାଉଥିବା ବେଳେ ପୁରୀ ଆଡୁ ଆସୁଥିବା କାର ଧକା ଦେଇଥିଲା ।

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ: ଭିଜିଲାନ୍ସ ଜାଲରେ ରେମୁଣା ତହସିଲଦାର ବିଦ୍ୟାଧର ପତି

ରେମୁଣା, ୧୧/୨ (ନି.ପ୍ର): ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଜିଲ୍ଲା ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କ ଘରେ ଭିଜିଲାନ୍ସ ଚଢ଼ାଉ। ଭିଜିଲାନ୍ସ ପକ୍ଷରୁ ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କ କାର୍ଯ୍ୟାଳୟ ସମେତ ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ କରାଯାଉଛି। ଭୁବନେଶ୍ୱରର ତିନୋଟି ସ୍ଥାନ, ବାଲେଶ୍ୱର କୁରୁଡା ଏବଂ ସୋରରେ ମଧ୍ୟ ଚଢ଼ାଉ ଚାଲିଛି। ବିଦ୍ୟାଧର ପତି ସପ୍ତାହକ ତଳେ କାର୍ଯ୍ୟରେ ଯୋଗ ଦେଇଥିଲେ ବିଦ୍ୟାଧର ପତି। ଭିଜିଲାନ୍ସ ପକ୍ଷରୁ ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କ କାର୍ଯ୍ୟାଳୟ ସମେତ ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ କରାଯାଉଛି। ଭୁବନେଶ୍ୱରର ତିନୋଟି ସ୍ଥାନ, ବାଲେଶ୍ୱର କୁରୁଡା ଏବଂ ସୋରରେ ମଧ୍ୟ ଚଢ଼ାଉ ଚାଲିଛି। ବିଦ୍ୟାଧର ପତି ସପ୍ତାହକ ତଳେ କାର୍ଯ୍ୟରେ ଯୋଗ ଦେଇଥିଲେ ବିଦ୍ୟାଧର ପତି। ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଭିଜିଲାନ୍ସ ହାତରେ ଲାଗିଥିବାର ସୂଚନା ରହିଛି। ତେବେ କେତେ ପରିମାଣର ସମ୍ପତ୍ତି ଠାବ ହୋଇଛି ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଭିଜିଲାନ୍ସ ପକ୍ଷରୁ ଚଢାଉ ଜାରି ରହିଥିବା ବେଳେ ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି ଥିବା କୁହାଯାଉଛି। ଏଥିସହ ତାଙ୍କର ଭୁବନେଶ୍ୱର ଶୈଳଶ୍ରୀ ବିହାର ସ୍ଥିତ ଘରେ ଚଢ଼ାଉ ଚାଲିଥିବାର ସୂଚନା ରହିଛି।

▶▶ପୃଷ୍ଠା ୭

ସୁଭଦ୍ରା ଯୋଜନା ଟଙ୍କା ପାଇନଥିବା ମହିଳାଙ୍କୁ ସମାଧାନର ପରାମର୍ଶ ଦେଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧/୨(ନି.ପ୍ର) : କୋଟିଏ ହିତାଧିକାରୀ ସୁଭଦ୍ରା ସହାୟତା ପାଇବା ଲକ୍ଷ୍ୟ ଏଯାଏଁ ପୂରା ହୋଇନି। ଇକେୱାଇସି ଓ ଡିବିଟି ଏନେବଲ ନହେବା କାରଣରୁ ଅଢେଇ ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିପାରିନି ଟଙ୍କା। କିନ୍ତୁ ଟଙ୍କା ପାଇନଥିବା ହିତାଧିକାରୀଙ୍କୁ ପୁର୍ନବାର ସୁଯୋଗ ଦେଇଛନ୍ତି ସରକାର । ଆଉ କହିଛନ୍ତି, ଟଙ୍କା ପାଇବାକୁ ହେଲେ ବ୍ୟାଙ୍କ୍ ଆସି ଆକାଉଣ୍ଟ ଠିକ୍ କରିବାକୁ ହେବ। ସୁଭଦ୍ରା ଯୋଜନାରେ ଏବେ ସୁଦ୍ଧା ୯୮ ଲକ୍ଷ ମହିଳାଙ୍କୁ ସହାୟତା ମିଳିଛି। କିନ୍ତୁ ଏବେ ବି ଅଢେଇ ଲକ୍ଷ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ସହାୟତା ପାଇନାହାନ୍ତି। ଯେଉଁମାନଙ୍କୁ ଆଶ୍ୱସ୍ତି ଆଣି ଦେଇଛି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବୟାନ। ଜଣିଏ ବି ଯୋଗ୍ୟ ହିତାଧିକାରୀ ସୁଭଦ୍ରା ସହାୟତାରୁ ବଞ୍ଚିତ ହେବେନି। ଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା

▶▶ପୃଷ୍ଠା ୭

ବିପୁଳ ପରିମାଣର ଗଂଜେଇ ଜବତ: ଅଭିଯୁକ୍ତ ଫେରାର୍

ଭୁବନେଶ୍ୱର, ୧୧/୨ (ନି.ପ୍ର): ଆଜି ଭୋର ସମୟରେ ବୌଦ୍ଧ ଜିଲ୍ଲା ପୋଲିସ ବାଘିଆପଡ଼ା ଓ ଖଣ୍ଡବର ରାସ୍ତା କଡ଼ରେ ପାନୁଇ ଛକ ନିକଟରେ ବିପୁଳ ପରିମାଣର ଗଞ୍ଜେଇ (୨୭୨୦ କେଜି) ଚୋରା ଚାଲାଣ କରାଯାଉଥିବା ସଂକ୍ରାନ୍ତରେ ସୂଚନା ପାଇଥିଲା। ୩ ଜଣ ବ୍ୟକ୍ତି ଏହି ନିଶା ଦ୍ରବ୍ୟ ମହଜୁଦ ରଖିଥିବା ଅଭିଯୋଗ ସମ୍ପର୍କରେ ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିବା ବେଳେ ସେମାନଙ୍କୁ ଗିରଫ କରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଉଲ୍ଲେଖ ଯୋଗ୍ୟଯେ, ସ୍ଥାନୀୟ ଅଞ୍ଚଳର ବାସିନ୍ଦା ତରଣୀ ସୁନା, ଦେବେନ୍ଦ୍ର ସୁନା ଏବଂ ପୂର୍ଣ୍ଣ ସାହୁ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଥିବା ସମ୍ପର୍କରେ ପୋଲିସ ସୂଚନା ପାଇଥିଲା। ସେହି ଅନୁଯାୟୀ ପୋଲିସ ଆଜି ଅଚାନକ ଚଢାଉ କରିଥିଲା। ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଖସି ପଳାଇବାରେ ସଫଳ ହୋଇଥିଲେ। ଏ ସଂକ୍ରାନ୍ତରେ ପିଏସ୍ କେସ୍ ନଂ ୭୫/୨୦୨୫ ରୁଜୁ କରାଯାଇ ତଦନ୍ତ ଜାରି ରହିଛି।ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ଗଞ୍ଜେଇ ଚୋରା ଚାଲାଣ ତଥା ନିଶା ଦ୍ରବ୍ୟ ଚୋରା ଚାଲାଣ ଉପରେ ରୋକ ଲଗାଇବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ପୋଲିସ ପକ୍ଷରୁ ଏହି ଅଭିଯାନ ଜୋରଦାର ଚାଲିଛି।

▶▶ପୃଷ୍ଠା ୭

ଓଡ଼ିଶାରେ ଖୋଲିବ ପ୍ରି ମାରିଟାଲ ଓ ମେଣ୍ଟାଲ ହେଲଥ କାଉନସିଲିଂ ସେଣ୍ଟର

ଭୁବନେଶ୍ୱର, ୧୧/୨ (ନି.ପ୍ର): ଓଡ଼ିଶାରେ ଖୋଲିବ ପ୍ରି ମାରିଟାଲ ଓ ମେଣ୍ଟାଲ ହେଲଥ କାଉନସିଲିଂ ସେଣ୍ଟର। ରାଜ୍ୟରେ ବଢୁଥିବା ଡିଭୋର୍ସ ସଂଖ୍ୟାକୁ କମାଇବା ପାଇଁ ଏହି କାଉନସିଲିଂ ସେଣ୍ଟର ଖୋଲିବକୁ ନିଷ୍ପତି ନେଇଛି ମହିଳା ଓ ଶିଶୁ ବିଭାଗ। ଏହି ସେଣ୍ଟରରେ ବିବାହ ପୂର୍ବରୁ ଉଭୟ ଯୁବକ ଓ ଯୁବତୀଙ୍କୁ ବିବାହ ବନ୍ଧନରେ କିଭଳି ଖୁସି ରହିପାରିବେ ସେ ନେଇ ବୁଝାଯିବ । ସମଗ୍ର ଦେଶରେ ଏହି ସେଣ୍ଟର ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା କହିଛନ୍ତି ଜାତୀୟ ମହିଳା କମିଶନ । ଓଡିଶା ପ୍ରଥମେ ଏହାକୁ ଲାଗୁ କରିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ଏହି ସେଣ୍ଟରରେ ମେଣ୍ଟାଲ ହେଲଥ ଉପରେ ଗୁରୁତ୍ୱ ଦିଆଯିବ । ବର୍ତ୍ତମାନ ଦେଶ ଓ ରାଜ୍ୟରେ ଛାଡପତ୍ର ସଂଖ୍ୟା ବଢୁଥିବାରୁ ଏହା ଚିନ୍ତାର କାରଣ ପାଲଟିଛି। ଏହି ସଂଖ୍ୟା କମାଇବା ପାଇଁ ପ୍ରି ମାରିଟାଲ କାଉଁସିଲିଂ ସେଣ୍ଟର କରିବା ସହ ଗ୍ରାମାଞ୍ଚଳ ରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଗ୍ରାମ ସଭା କରିବାକୁ ମଧ୍ୟ ନିଷ୍ପତି ହୋଇଛି। ମାର୍ଚ୍ଚ ୮ ରୁ ଦେଶ ସାରା ଏହି ଗ୍ରାମ ସଭା ଆରମ୍ଭ ହେବ ବୋଲି ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷା ୩୨ ତମ ରାଜ୍ୟ ମହିଳା ଆୟୋଗ ପ୍ରତିଷ୍ଠା ଦିବସ ଅବସରେ କହିଛନ୍ତି।

ବଢୁଛି ରଣବୀର ଆହ୍ଲାବାଦିଆଙ୍କ ଅଡୁଆ: ୟୁଟ୍ୟୁବରଙ୍କ ମୁମ୍ବାଇ ଘରେ ପହଞ୍ଚିଲା ମୁମ୍ବାଇ ପୁଲିସ

ନୂଆଦିଲ୍ଲୀ, ୧୧/୨ : ରାତାରାତି ଫେମସ ହେବାର ନିଶା ସୀମା ପାର୍ କଲେ ୟୁଟ୍ୟୁବର୍ । ଅଶାଳୀନ ମନ୍ତବ୍ୟ ଦେଇ ଅଡୁଆରେ ୟୁଟ୍ୟୁବର ରଣବୀର ଆଲ୍‌ହାବାଦିଆ । ଯାହାକୁ ନେଇ ଏବେ ଦେଶରେ ଚର୍ଚ୍ଚା ଥମିବାର ନାଁ ନେଉନାହିଁ । ବିବାଦ ଉଗ୍ର ହେବା ସହ ଏବେ ଘଟଣାକୁ ଗୁରୁତର ସହ ନେଇଛନ୍ତି ଦେଶର ସଂସଦୀୟ ଷ୍ଟାଣ୍ଡିଂ କମିଟି । ସେପଟେ ରଣବୀରଙ୍କ ସୋର କଣ୍ଟେଣ୍ଟ୍ ତୁରନ୍ତ ହଟାଇବାକୁ ଏନଏଚଆରସିଙ୍କ କଡ଼ା ନିର୍ଦ୍ଦେଶ ଜାରି। ୟୁଟ୍ୟୁବର ରଣବୀର ଆଲ୍‌ହାବାଦିଆଙ୍କ ପାଇଁ ଅଡୁଆ ବଢିବାରେ ଲାଗିଛି । ଏକ ରିଆଲିଟି ସୋରେ ବିବାଦୀୟ କମେଣ୍ଟ କରି ଆକ୍ରୋଶର ଶିକାର ହୋଇଛନ୍ତି ରଣବୀର । ରଣବୀରଙ୍କ ନାଁରେ ପୁଲିସରେ ମାମଲା ରୁଜୁ ହେବା ସହ ମୁମ୍ବାଇ ପୁଲିସ ଘଟଣାରେ ତଦନ୍ତ ଆରମ୍ଭ କରିଛି ।

▶▶ପୃଷ୍ଠା ୭

ଦିନକ ପରେ ବିଧାନସଭାର ବଜେଟ ଅଧିବେଶନ: କାଉଣ୍ଟର କରିବାକୁ ଶାସକ ଦଳ ସଜବାଜ

ଭୁବନେଶ୍ୱର, ୧୧/୨(ନି.ପ୍ର) : ଗତ ଜୁଲାଇରେ ନୂଆ ସରକାରଙ୍କ ବଜେଟ ଅଧିବେଶନ ହେଉ କି ଡିସେମ୍ବରର ଶୀତ ଅଧିବେଶନ । ଏହି ଦୁଇଟି ସେସନରେ ବିରୋଧୀଙ୍କୁ ଅଡୁଆରେ ପକାଇଲାଥିଲା ଶାସକ ଦଳ ବିଜେପି । ପ୍ରତ୍ୟେକ ଅଧିବେଶନରେ ପୂର୍ବ ସରକାରଙ୍କ ଦୋଷ ଦୁର୍ବଳତାକୁ ସାମ୍ନାକୁ ଆଣି ବିଜେଡିକୁ ନିଶାନା କରୁଥିଲେ ବିଜେପି ବିଧାୟକ । ହେଲେ ଏଥର ବିଧାନସଭାର ଚିତ୍ର ବଦଳିଯିବ । ଦିନକ ପରେ ଆରମ୍ଭ ହେବ ବିଧାନସଭା ବଜେଟ ଅଧିବେଶନ । ବିଜେପି ସରକାର କ୍ଷମତାକୁ ଆସିବା ପରେ ପ୍ରଥମ ଥର ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଆସିବ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଛି । ହେଲେ, ଏଥର ବିଧାନସଭା ଅଧିବେଶନ ସୁରଖୁରରରେ ଚଳାଇବା ଶାସକ ଦଳ ପାଇଁ ବଡ ଚ୍ୟାଲେଞ୍ଜ ହେବ। କାରଣ ନୂଆ ସରକାରକୁ ଏହା ଭିତରେ ୯ ମାସ ବିତି ଯାଇଥିବାରୁ, ଶାସକ ଦଳକୁ ଉତରଦାୟୀ କରି ବିଭିନ୍ନ ପ୍ରସଙ୍ଗରେ ଘେରାବନ୍ଦୀ କରିବାକୁ ମେଗା ପ୍ଲାନ ପ୍ରସ୍ତୁତ କରିଛନ୍ତି ବିରୋଧୀ। ସରକାରଙ୍କୁ ଜବାବ ମାଗିବେ । ବିରୋଧୀ ଏହି ସବୁ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିବାକୁ ଯୋଜନା କରୁଛନ୍ତି ବିରୋଧୀ। ଏଥିପାଇଁ ଆସନ୍ତା କାଲି ବିଜେଡି ଓ କଂଗ୍ରେସ ବିଧାୟକ ଦଳ ବୈଠକ ବସିବ।

▶▶ପୃଷ୍ଠା ୭

ରାଜ୍ୟରେ ଲାଗୁ ହେବ ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ବଡ଼ ଘୋଷଣା କରିଛନ୍ତି। ରାଜ୍ୟରେ ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଲାଗୁ ହେବ ବୋଲି କହିଛନ୍ତି। ଦୁଇଟି ସନ୍ତାନ ଜନ୍ମ କ୍ଷେତ୍ରରେ ଏହି ଯୋଜନା ଲାଗୁ ହେବ। କନ୍ୟା ସନ୍ତାନକୁ ପ୍ରୋତ୍ସାହନ ପାଇଁ ଏହି ଯୋଜନା ଲାଗୁ କରାଯାଇଛି। ଝିଅ ଜନ୍ମ ହେଲେ ୧୨ ହଜାର ଟଙ୍କା ମିଳିବ। ପୁଅ ଜନ୍ମ ହେଲେ ୧୦ ହଜାର ଟଙ୍କା ମିଳିବ। ରାଜ୍ୟ ସରକାର ଗର୍ଭବତୀ ଓ ଅଙ୍ଗନବାଡ଼ି କର୍ମୀମାନଙ୍କ ପାଇଁ ଭଲ ଖବର ଆଣିଛନ୍ତି। ମୋହନ ମାଝୀଙ୍କ ସରକାର ରାଜ୍ୟରେ ମମତା ଯୋଜନା ବଳଦରେ ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଲାଗୁ କରିବେ। ଏହି ଯୋଜନା ଦ୍ୱାରା କନ୍ୟା ସନ୍ତାନ ଜନ୍ମ କରୁଥିବା ମହିଳାଙ୍କୁ ୧୦ ହଜାର ବଦଳରେ ୧୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ରାଜ୍ୟ ସରକାର ଅଙ୍ଗନବାଡ଼ି କର୍ମୀମାନଙ୍କ ପାଇଁ ମଧ୍ୟ ଭଲ ଖବର ଆଣିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଅଙ୍ଗନବାଡ଼ି କର୍ମୀମାନଙ୍କୁ ୨୦୦ ଟଙ୍କା ବଦଳରେ ୨୫୦ ଟଙ୍କା, ଏବଂ ଅଙ୍ଗନବାଡ଼ି ସହାୟକମାନଙ୍କୁ ୫୦ ଟଙ୍କା

▶▶ପୃଷ୍ଠା ୭

ମୁଖ୍ୟ ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟଙ୍କ ବଡ଼ ନିର୍ଦ୍ଦେଶ: ବିନା ଅନୁମତିରେ ଇଭିଏମରୁ ହଟାଇପାରିବେନି କୌଣସି ବି ତଥ୍ୟ

ନୂଆଦିଲ୍ଲୀ, ୧୧/୨ : ଇଭିଏମରୁ ତଥ୍ୟ ଡିଲିଟ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମସ ବା ଏଡିଆରର ଏକ ପିଟିସନରେ ନିର୍ବାଚନ କମିଶନଙ୍କୁ ଇଭିଏମ ଯାଞ୍ଚର ପ୍ରୋଟୋକଲ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖନ୍ନା ଓ ଜଷ୍ଟିସ ଦୀପକ ଦତ୍ତ କହିଛନ୍ତି ଯେ, ନିକଟରେ ନିର୍ବାଚନ ଅନୁଷ୍ଠିତ ହୋଇଥିବା ରାଜ୍ୟଗୁଡିକର ଇଭିଏମରୁ ତଥ୍ୟ ଡିଲିଟ କରନାହିଁ ଓ ନୂଆ ତଥ୍ୟ ମଧ୍ୟ ଅପଲୋଡ କରନି । ଆବେଦନ

ବିଜେପି କୃଷକ ମୋର୍ଚ୍ଚାର ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ ଓ ଜିଲ୍ଲାପାଳଙ୍କ ସହ ଆଲୋଚନା

କେନ୍ଦ୍ରାପଡ଼ା, ୧୧/୨ (ନି.ପ୍ର): ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଧାନମଣ୍ଡି ପରିଦର୍ଶନ କରିବା ସହିତ ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ। କେନ୍ଦ୍ରାପଡା ଜିଲ୍ଲା ଡୋରାବିଶ ବ୍ଲକ ଅନ୍ତର୍ଗତ କୁଶିଆପାଲ, ନହଗଂ, ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡମୂଲବସନ୍ତ, କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲୁନଗର ପ୍ରଭୃତି ଧାନମଣ୍ଡୀକୁ ଆଜି ଧାନମଣ୍ଡୀ ପରିଦର୍ଶନ ସମୟ ରେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଉପସ୍ଥିତ ଚାଷୀ ମାନେ ଧନ୍ୟବାଦ ଜଣାଇବା ସହିତ କୃତଜ୍ଞତା ଜଣାଇଥିଲେ। ମୋହନ ଚରଣ ମାଝି ସରକାର ଓଡ଼ିଶାରେ ଧାନ କିଣା କାରବାର ସୂଚ୍ଛତା ଓ ଶୃଙ୍ଖଳିତ ଭାବେ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଯୋଉଁ ମାନେ ଧାନ କିଣା କାରବାରରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରିବେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଚେତାବନୀ ଦେଇଛନ୍ତି। ଯେଉଁ ଠାରେ ଧାନ କିଣା କାରବାରରେ ଅଭିଯୋଗ ଆସୁଛି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। କେନ୍ଦ୍ରାପଡା ଜିଲ୍ଲା ଧାନମଣ୍ଡୀ ପରିଦର୍ଶନ ସମୟ ରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ଧାନମଣ୍ଡୀ ମାନଙ୍କରେ ଚାଷୀ ମାନଙ୍କ ବିଶ୍ରାମ ନେବା ପାଇଁ କୌଣସି ବ୍ୟବସ୍ଥା ନଥିବା, ପିଇବା ପାଇଁ ପାଣିର ବ୍ୟବସ୍ଥା ନଥିବା, ଶୌଚ ହେବା ପାଇଁ ପାଇଖାନା ନଥିବା ଦେଖିବାକୁ ମିଳିଥିଲା। ଧାନକୁ ସୁରକ୍ଷିତ ରଖିବା ପାଇଁ ପଲିଥିନ ର ବ୍ୟବସ୍ଥା ନଥିବାର ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ପରିଦର୍ଶନ ସମୟରେ ଦେଖିବାକୁ ପାଇଥିଲେ। ରାଇସ ମିଲମାନଙ୍କୁ ଧାନ ନେଇକରି ଦେବା ପାଇଁ ଧାନମଣ୍ଡୀର ଅଧିକାରୀମାନେ ବାଧ କରୁଥିବା ଚାଷୀ ମାନେ ଅଭିଯୋଗ କରିଥିଲେ। ଦୀର୍ଘ ଦିନ ଧରି ଧାନମଣ୍ଡୀ ରେ ଧାନ ଆଣି ଅପେକ୍ଷା କରିଥିଲେ ବି ଚାଷୀ ମାନଙ୍କ ଠାରୁ ଧାନ ନିଆଯାଉନଥିବା ମଧ୍ୟ ଚାଷୀ ମାନେ ଅଭିଯୋଗ କରିଥିଲେ। ଅପରାହ୍ନ ୪ ଘଣ୍ଟିକା ସମୟରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ କେନ୍ଦ୍ରପଡା ଜିଲ୍ଲାପାଳଙ୍କୁ ଭେଟି ଏହି ସବୁ ସମସ୍ୟା ର ସମାଧାନ କରିବା ପାଇଁ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରସାଦ ପ୍ରଧାନ,ରାଜ୍ୟ ସଂପାଦକ ଶ୍ରୀ ବିକ୍ରମ କେଶରୀ ରାଉତରାୟ , ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ବିଚିତ୍ର କୁମାର ପ୍ରଧାନ, ସରୋଜକାନ୍ତ ସାହୁ, ସତ୍ୟ ରଞ୍ଜନ ସାହୁ, ଡୋରାବିଶି ଚେୟାରମ୍ୟାନ ପ୍ରଭାତୀ ମଲ୍ଲିକ,ମାନିନୀ ଷଡଙ୍ଗୀ, ସରୋଜକାନ୍ତ ପଣ୍ଡା, ତାପସ ରଞ୍ଜନ ନାୟକ, କୋଦାରନାଥ ସାମନ୍ତରାୟ, ତପନ କୁମାର ମନ୍ତ୍ରୀ, ସୁନାକର ପ୍ରଧାନ, ଦୟାନିଧି ବଳ, ଅଶୋକ କୁମାର, ମନମୋହନ ସିଂହ ମହାପାତ୍ର, ପ୍ରମୁଖ ଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତା ସାମିଲ ହୋଇଥିଲେ।

ଭଉଁରା ଲୋଭରେ ଭଲଲୋକମାନେ ଭିନ୍ନକ୍ଷମ ହେବାକୁ ଉଦ୍ୟମ

ଘଟଗାଁ, ୧୧/୨ (ନି.ପ୍ର): ଭଣ୍ଡା ପଂଚାୟତର ଜ୍ୟୋତିପୁର ଅଂଚଳର କେତେକ ଅଧିବାସୀ ଭତା, ରାସନ କାର୍ଡ ଓ ଅନ୍ୟାନ୍ୟ ସରକାରୀ ସୁବିଧା ସବୁକୁ ହାତେଇବା ଲାଗି କେତେକ ସମ୍ପୂର୍ଣ୍ଣ ଆରୋଗ୍ୟ ଥିବା ଭଲ ଲୋକମାନେ ଭିର୍ଣ୍ଣକ୍ଷମ ପ୍ରମାଣ ପତ୍ର ଲାଗି ଅନଲାଇନ ରେ ଦରଖାସ୍ତ କରିବା ଓ ତାରିଖ ମୁତାବିକ ସ୍ୱାସ୍ଥ୍ୟ କ୍ୟାମ୍ପ ରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଚା୪୦/୫୦ପ୍ରତିଶତ ଭିର୍ଣ୍ଣକ୍ଷମ ଥିବା ପ୍ରମାଣ ପତ୍ର ହାସଲ କରୁଛନ୍ତି। କ୍ୟାମ୍ପ ଗୁଡିକରେ ଉନ୍ନତ ମାନର ଯନ୍ତ୍ରପାତି ଅଭାବ ସାଙ୍ଗକୁ ଠିକ ଭାବେ ପରୀକ୍ଷା ନିରୀକ୍ଷା କରାନଯାଇ ଭିନ୍ନକ୍ଷମର ପ୍ରମାଣ ପତ୍ର ପାଇଁ ପାସ କରିଦେଉଥିବାର ଅଭିଯୋଗ ହୋଇଛି। ୮୦ପ୍ରତିଶତ ଭିନ୍ନକ୍ଷମ ଓ ୮୦ବର୍ଷ ବୟସର ବୃଦ୍ଧ ବୃଦ୍ଧା ମାନଙ୍କୁ ମାସିକ ଭତା ୩୫୦୦ଟଙ୍କା ପାଇବାର ଲୋଭ ରେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଲୋକମାନେ ଭିନ୍ନକ୍ଷମ ହୋଇଥିବାର ପ୍ରମାଣ ପତ୍ର ପାଇଁ କ୍ୟାମ୍ପ ଗୁଡିକରେ ଲମ୍ବା ଧାଡି ଲଗାଉଛନ୍ତି। ଉକ୍ତ ଅଂଚଳରେ ମାସିକ ୪୦/୫୦ହଜାର ପେନସନ ପାଉଥିବା, ଦ୍ୱିତଳ ପ୍ରାସାଦ, କାର ଯାନ ପ୍ରଭୃତି ଥିବା କୋଟିପତି ବ୍ୟକ୍ତି ମାନେ ମଧ୍ୟ ରାସନ କାର୍ଡ ର ଅଧିକାରୀ ହୋଇ ସରକାରୀ ସୁବିଧା ହାତେଇବାରେ ଲାଗିଛନ୍ତି। ତେଣୁ ଏଭଳି ନକଲି ଭିନ୍ନକ୍ଷମଧାରୀ ମାନଙ୍କୁ ଗିରଫ କରିବାକୁ ଦୃଢ ଦାବି ହୋଇଛି।

ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ ଓ କଂସ ବରଣ

ବଲାଙ୍ଗୀର, ୧୧/୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ ବକଟି ଗ୍ରାମରେ କିଶୋରୀ ମେମୋରିଆଲର ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ ଓ କଂସ ବରଣ କରାଯାଇଛି। ଆସନ୍ତା ମାର୍ଚ୍ଚ ମାସ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା କଂସ ଦରବାର ଓ ନାମ ସଂକୀର୍ତନ୍ୟ କରାଯିବା ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି। ଲୋଇସିଂହା ଗ୍ରାମର ବିଶିଷ୍ଟ କଳାକାର ତଥା କଂସ ଭୂମିକାରେ ଅଭିନୟ କରିବାକୁ ଥିବା ରବିନ୍ଦ୍ର ସାହୁଙ୍କୁ ସ୍ୱାଗତ କରାଯାଇଥିଲା। ଏଥିପାଇଁ ବକଟି ଗ୍ରାମର ଫୁଟବଲ ଖେଳପଡିଆରୁ ଏକ କଳସ ଶୋଭାଯାତ୍ରାରେ ନଗରଭ୍ରମଣ କରାଯାଇ ପୂଜା ମଣ୍ଡପକୁ ନିଆଯାଇଥିଲା। ବୈଦିକ ରୀତିନୀତି ଅନୁସାରେ ଷୋଡ଼ଶ ଉପଚାରେ ପୂଜାଅର୍ଚ୍ଚନା ଓ ହୋମକାର୍ଯ୍ୟ କରାଯାଇଥିଲା। ବିପିନ ହୋତା ପୂଜାଅର୍ଚ୍ଚନା କରିଥିବାବେଳ ନାଥ ମଟାରୀ ଓ ତାଙ୍କର ଧର୍ମପତ୍ନୀ କର୍ତା କାର୍ଯ୍ୟ ତୁଲାଇଥିଲେ। ନାମ ସଂକୀର୍ତନ୍ୟ ଓ କଂସ ଦରବାର ପାଇଁ ଶୁଭସ୍ତମ୍ଭ ସ୍ଥାପନ ସହ ଧ୍ୱଜା ରୋହଣ କରାଯାଇଥିଲା। କଂସ ଭୂମିକାରେ ଅଭିନୟ କରିବାକୁ ଥିବା କଳାକାର ଶ୍ରୀ ସାହୁଙ୍କୁ ଉପଢୌକନ ପୁଷ୍ପମାଲ୍ୟ ଓ ନଡିଆ ପଇତା ଆମନ୍ତଣ କରାଯାଇ ବରଣ କରାଯାଇଥିଲା। ଏହାକୁ ଧନୁଯାତ୍ରା କମିଟିର ଆବାହକ ଦିଲ୍ଲୀପ ପୁରୋହିତ ପରିଚାଳନା କରିଥିଲେ। ଏଥିରେ ନାରାୟଣ ପୁରୋହିତ, ଭଗବାନ ପୁରୋହିତ, କୁନା, ସୁଧାଂଶୁ ହୋତା ପ୍ରମୁଖ ଯୋଗଦାନ କରିଥିବାବେଳେ ବକଟି ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

ସୁବର୍ଣ୍ଣପୁରରେ ଆର୍ଟ ଅଫ ଲିଭିଂ ପକ୍ଷରୁ ହେପିନେସ ପ୍ରୋଗ୍ରାମ ଅନୁଷ୍ଠିତ

ସୁବର୍ଣ୍ଣପୁର, ୧୧/୨ (ନି.ପ୍ର): ସୁବର୍ଣ୍ଣପୁର ଠାରେ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା ପରିଚାଳିତ ଆର୍ଟ ଅଫ ଲିଭିଂ ସଂସ୍ଥା ଦ୍ୱାରା ଏକ ହେପିନେସ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆର୍ଟ ଅଫ ଲିଭିଂର ବରିଷ୍ଠ ଶିକ୍ଷକ ଶ୍ରୀ ଶ୍ୟାମ ଅଗ୍ରୱାଲ ଏବଂ ଶିକ୍ଷୟତ୍ରୀ ସୁଶ୍ରୀ ଆସନା ଗୁପ୍ତା ପ୍ରୋଗ୍ରାମକୁ ପରିଚାଳନା କରିଥିଲେ। ସ୍ଥାନୀୟ ଜନସାଧାରଣ ବହୁତ୍ ଉତ୍ସାହର ସହ ହାପିନେସ ପ୍ରୋଗ୍ରାମରେ ଭାଗ ନେଇଥିବାବେଳେ ଲୋକେ ଶାନ୍ତି, ଚିନ୍ତା ମୁକ୍ତ, ଶାନ୍ତ ଓ ଉତ୍ସାହରେ ଭରପୁର ଆନନ୍ଦ ନେଇ ଥିବାର ଦେଖାଯାଇଥିଲା। ଲୋକଙ୍କର ଉତ୍ସାହ ଓ ଅନୁରୋଧକୁ ଦେଖି ପୁଣି ଆସନ୍ତା ମାର୍ଚ୍ଚ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଆର୍ଟ ଅଫ ଲିଭିଂ ର ପରବର୍ତ୍ତୀ ହେପିନେସ ପ୍ରୋଗ୍ରାମ କରାଯିବାର ସ୍ଥିର କରାଯାଇଥିବା ସଂସ୍ଥା ପକ୍ଷରୁ ସୂଚନା ମିଳିଛି। ଏବଂ ଇଚ୍ଛୁକ ବ୍ୟକ୍ତିବିଶେଷ ଆର୍ଟ ଅଫ ଲିଭିଂର ହେପିନେସ ପ୍ରୋଗ୍ରାମରେ ଯୋଗଦେବା ପାଇଁ ୭୦୦୮୧୨୬୦୭୦ ନମ୍ବର ରେ ଯୋଗାଯୋଗ କରିବା ପାଇଁ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ଜାତୀୟ କୃମିନାଶକ ଔଷଧ ସେବନର ଶୁଭାରମ୍ଭ : ଜିଲ୍ଲାକୁ କୃମି ମୁକ୍ତ କରିବାକୁ ଆହ୍ୱାନ

ସୁବର୍ଣ୍ଣପୁର, ୧୧/୨ (ନି.ପ୍ର): ଜିଲ୍ଲାରେ ଆଜି ୧୦ ଫେବୃୟାରୀ ୨୦୨୫ ତାରିଖ ଜାତୀୟ କୃମିନାଶକ ଦିବସ ପାଳନ କରାଯାଉଅଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ସୁବର୍ଣ୍ଣପୁର ଦ୍ୱାରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଝିପଡ଼ା ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ପ୍ରଦୀପ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କୃମିନାଶକ ଦିବସ ପାଳନର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜି ଶୁଭାରମ୍ଭ ଅବସରରେ ଉକ୍ତ ସ୍କୁଲର ସମୁଦାୟ ୧୭୨ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ୧୬୩ ଜଣ ଏହି ଔଷଧ ସେବନ କରିଛନ୍ତି। ଯେଉଁମାନେ ଆଜି ୧୦ ତାରିଖ ଦିନ ଔଷଧ ଖାଇବାରୁ ବଞ୍ଚିତ ରହିବେ ତାଙ୍କୁ ୧୭ ଫେବୃଆରୀରେ ମପ୍‌ଅପ୍ ରାଉଣ୍ଡରେ ଔଷଧ ଖାଇବାକୁ ଦିଆଯିବ। ଏହି କାର୍ଯ୍ୟକ୍ରମରେ ଆମ ଜିଲ୍ଲାର ୧,୭୭,୨୦୨ ହିତାଧିକାରୀ ଆଲବେଣ୍ଡାଜୋଲ ଔଷଧ ଖାଇବେ। ଏହା ମଧ୍ୟରୁ ୧ ବର୍ଷ ରୁ ୧୯ ବର୍ଷ ପର୍ଯ୍ୟନ୍ତ ୧,୬୫,୨୬୭ ଜଣ ଶିଶୁ ଓ କିଶୋର ଏବଂ ୨୦ ବର୍ଷରୁ ୨୪ ବର୍ଷ ପର୍ଯ୍ୟନ୍ତ ୧୧,୯୩୫ ଜଣ ପ୍ରଜନନକ୍ଷମ ମହିଳା ରହିଛନ୍ତି। ସନ୍ତାନ ପ୍ରଜନନକ୍ଷମ ମହିଳାଙ୍କ ମଧ୍ୟରେ ଥିହବା ଗର୍ଭବତୀ ଓ ପ୍ରସୂତି ମାନେ ଏହି ଔଷଧ ଖାଇବେ ନାହିଁ। ଆମ ଜିଲ୍ଲାର ୧୦୫୭ଟି ସରକାରୀ ଓ ବେସରକାରୀ ସ୍କୁଲ ମହାବିଦ୍ୟାଳୟ , ୧୫୧୬ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଏହି କୃମି ନାଶକ ଔଷଧ ମାଗଣାରେ ପ୍ରଦାନ କରିବାର ସୁବ୍ୟବସ୍ଥା କରାଯାଇଅଛି। କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ ଓ ସୁଚାରୁ ସମ୍ପାଦନ ପାଇଁ ୯୨ ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀ, ୬୪୦ ଜଣ ଆଶାକର୍ମୀ ତଥା ୧୫୧୬ ଜଣ ଅଙ୍ଗନବାଡ଼ି କର୍ମୀଙ୍କୁ ଆବଶ୍ୟକ ତାଲିମ ସହ ଔଷଧ ସେବନ କରାଇବାକୁ ନିୟୋଜିତ କରାଯାଇଥିବା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ଗୁରୁ ସୂଚନା ପ୍ରଦାନ କରିଛନ୍ତି। ସେବନ କରାଯିବାକୁ ଥିବା ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ରହିଥିବା ତଥା ଏହି ଔଷଧ ଖାଇବା ଦ୍ୱାରା ଶିଶୁର ରକ୍ତହୀନତା ଦୂର ହେବା ସହ ଶିଶୁର ପୌଷ୍ଟିକ ବୃଦ୍ଧି ହେବା ସହିତ ସ୍କୁଲ ଓ ଅଙ୍ଗୱାଡ଼ିରେ ମଧ୍ୟ ଉପସ୍ଥାନ ବଢିବ। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ କୃମି ମୁକ୍ତ ସୁବର୍ଣ୍ଣପୁର ପାଇଁ ଜିଲ୍ଲାର ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡ଼ଃ ଦୈତ୍ୟ ନାରାୟଣ ପାଢ଼ୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ମନୋଜ କୁମାର ଅଦାବର, ପ୍ରଧାନ ଶିକ୍ଷୟିତ୍ରୀ ମୀନାକ୍ଷୀ ନାୟକ, ଏ ଡି ପି ଏଚ ସି ଓ ବୃନ୍ଦାବନ ସାହୁ,ଡି ଏମ ଆର ସି ଏଚ ସୁଧାଂଶୁ ଶେଖର ନାୟକ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ଜିଲ୍ଲା ତଥ୍ୟ ପରିଚାଳକ ପ୍ରଦୀପ କୁ ସାହୁ,ଏ ଏମ ସି ପି ତରଣିସେନ୍ ପ୍ରଧାନ , ସ୍ୱାସ୍ଥ୍ୟ କର୍ମୀ, ଆଶା, ଅଙ୍ଗନୱାଡ଼ି କର୍ମୀ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହିଥିଲେ।

ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପାଇଁ ସହାୟତା

କେନ୍ଦ୍ରାପଡ଼ା, ୧୧/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟୟନରତ ସ୍ନାତକ ଶ୍ରେଣୀର ଆର୍ଥିକ ଅନଗ୍ରସର ମେଧାବୀ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ବାର୍ଷିକ ପ୍ରୋତ୍ସାହନ ରାଶି ପ୍ରଦାନ ନିମନ୍ତେ ପୁନର୍ବାସ ଅନୁଷ୍ଠାନ ନିଷ୍ପତି ଗ୍ରହଣ କରିଛି। ସାଧାରଣତଃ ଉଭୟ ଗୁରୁତର ଭିନ୍ନକ୍ଷମତା ଓ ଆର୍ଥିକ ଅନଗ୍ରସରତା ପରି ବାଧକତା ହେତୁ ଏହି ବର୍ଗର ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା କ୍ଷେତ୍ରରେ ବିଶେଷ ଅଗ୍ରସର ହୋଇପାରନ୍ତି ନାହିଁ। ସମାଜର ଏହି ଦୁର୍ବଳ ବର୍ଗଙ୍କ ସଶକ୍ତିକରଣ ଦିଗରେ କାର୍ଯ୍ୟ କରି ଆସୁଥିବା ପୁନର୍ବାସ ଏ ଦିଗରେ ଆଗଭର ହୋଇ ଚଳିତ ବର୍ଷଠାରୁ ଭିନ୍ନକ୍ଷମତା ଭୋଗ କରୁଥିବା ଗୁରୁତର ଶାରୀରିକ, ବୌଦ୍ଧିକ ଭିନ୍ନକ୍ଷମ ଓ ଦୃଷ୍ଟିବାଧିତ ବର୍ଗର ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟୟନରତ ଚାରିଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ମେଧାବୃତି ରାଶି ପ୍ରଦାନ କରିବ। ଏଥିନିମନ୍ତେ ଆବଶ୍ୟକ ଥିବା ବୃତିରାଶି ପଚାଶ ହଜାର ଟଙ୍କା ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ଏକ ଚେକ୍ ମାଧ୍ୟମରେ କୋଷାଧ୍ୟକ୍ଷ ଶିବଚରଣ ସାମଲଙ୍କୁ ସହ-ସମ୍ପାଦକ ବଂଶୀଧର ମହାନ୍ତିଙ୍କ ଉପସ୍ଥିତରେ ପ୍ରଦାନ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଶତାବ୍ଦୀର ଷାଠିଏ ଦଶକରେ ଚରମ ଦାରିଦ୍ର୍ୟତା ଓ ନଦୀନାଳ ଦ୍ୱାରା ବିଚ୍ଛିନ୍ନ ତତ୍କାଳୀନ କରାଣ୍ଡିଆ ଓ ଚିତ୍ରୋତ୍ପଳା ଦ୍ୱୀପାଂଚଳର ଭୌଗୋଳିକ ପ୍ରତିକୂଳତା ସତ୍ତ୍ୱେ ବଛରାଇ ଗ୍ରାମର ସଫଳ ବ୍ୟକ୍ତିତ୍ୱ ପ୍ରାକ୍ତନ ଓଡିଶା ପ୍ରଶାସନିକ ଅଧିକାରୀ ସ୍ୱର୍ଗତ ଶ୍ରୀଧର ରାଉତଙ୍କ ସ୍ମୃତିରେ ପ୍ରତିବର୍ଷ ଏହି ମେଧାବୃତି ରାଶିକୁ ତାଙ୍କ ପୁତ୍ର ଶ୍ରୀ ରାଉତରାୟଙ୍କ ତରଫରୁ ପ୍ରଦାନ କରାଯିବ ବୋଲି କାର୍ଯ୍ୟନିର୍ବାହୀ ପରିଷଦର ସଭ୍ୟ ମହମ୍ମଦ ଜାହିଦ୍ ଖାନ୍, ଜ୍ୟୋତିରଞ୍ଜନ ନାୟକ ଓ ଶେଷଦେବ ଦାସ ପ୍ରକାଶ କରିଛନ୍ତି।

କେନ୍ଦ୍ରାପଡ଼ା ରାଜପୁତ ଆସୋସିଏସନର ବୈଠକ

କେନ୍ଦ୍ରାପଡ଼ା, ୧୧/୨ (ନି.ପ୍ର): କେନ୍ଦ୍ରାପଡା ରାଜପୁତ ଆସୋସିଏସନର ଏକ ବୈଠକ ସହରର ବିନୋଦବିହାରୀ ମନ୍ଦିର ପ୍ରାଙ୍ଗଣରେ ଆଇନଜୀବୀ ହାଡିବନ୍ଧୁ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜପୁତ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ କେନ୍ଦ୍ରାପଡା ସହର, ଇଛାପୁର, ମଡରପୁର, ଦୁହୁରିଆ ପ୍ରଭୃତି ଅଞ୍ଚଳର ରାଜପୁତ ଭାଇମାନେ ଯୋଗଦେଇଥିଲେ। ରାଜପୁତ ଜାତିର ସଦସ୍ୟମାନଙ୍କର କୌଣସି ଅସୁବିଧା ବା ସମସ୍ୟା ଉପୁଜିଲେ ଆସୋସିଏସନ ତାଙ୍କୁ ସହଯୋଗ କରିବା ପାଇଁ ସର୍ବସମ୍ମତ ନିଷ୍ପତି ଗ୍ରହଣ କରାଯାଇଥିଲା। ଆସୋସିଏସନର ପରବର୍ତ୍ତୀ ବୈଠକ ଅପ୍ରେଲମାସ ୧୩ତାରିଖ ସନ୍ଧ୍ୟାରେ କାକଟସ୍ଥିତ ବିନୋଦବିହାରୀ ମନ୍ଦିର ପରିସରରେ ହେବାକୁ ସ୍ଥିର କରାଗଲା। ଏହି ବୈଠକରେ ସରୋଜରାଜ ସିଂହ, ବିଭୁପ୍ରସାଦ ସିଂହ, ରବୀନ୍ଦ୍ର ପ୍ରସାଦ ସିଂହ, ମଧୁସୁଦନ ସିଂହ, କିଶୋର କୁମାର ସିଂହ, ନିର୍ମଳ ସିଂହ, ଧନେଶ୍ୱର ସିଂହ, ସନ୍ତୋଷ କୁମାର ସିଂହ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଲୋକନାଥ ଦେବଙ୍କ ମହାଶିବରାତ୍ରି ପାଇଁ ବୈଠକ ଅନୁଷ୍ଠିତ

ପୁରୀ, ୧୧/୨ (ନି.ପ୍ର): ଫେବୃଆରୀ ୨୬ ତାରିଖରେ ମହାଶିବରାତ୍ରି। ଲୋକନାଥ ପୀଠରେ ପ୍ରଭୁ ଲୋକନାଥ ଦେବଙ୍କ ଜାଗର ଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ଏକ ବୈଠକ ଉପଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଉପଜିଲ୍ଲାପାଳ ରାଜ କିଶୋର ଜେନା ପ୍ରତେକ ବର୍ଷ ଜାଗର ଯାତ୍ରାରେ ବିପୁଳ ଜନସମାଗମ ହୋଇଥାଏ। ତେଣୁ ଚଳିତ ଯାତ୍ରାରେ ମଧ୍ୟ ଅନୁରୂପ ଭିଡ଼ ଆଶା କରା ଯାଉଛି। ତେଣୁ ଏହି ପବିତ୍ର ଯାତ୍ରାକୁ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳନା ସହ ଯେପରି ଶ୍ରଦ୍ଧାଳୁ ମାନେ ପ୍ରଭୁ ଲୋକନାଥଙ୍କୁ ଭଲରେ ଦର୍ଶନ ଓ ପୂଜାର୍ଚ୍ଚନା ସହ ଏକ ସୁଖଦ ଅନୁଭୂତି ନେଇ ଯିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଫେବୃୟାରୀ ୨୪ ତାରିଖରେ ହେବାକୁ ଥିବା ପଙ୍କୋଦ୍ଧର ଏକାଦଶୀ ଓ ଜାଗର ଯାତ୍ରାର ନିତୀକାନ୍ତି ସମୟ ନିର୍ଘଣ୍ଟ ର ସୂଚନା ଦେବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ,ପରିଷ୍କାର ପରିଚ୍ଛନ୍ନତା, ପରିମଳ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର,ଆମ୍ବୁଲାନ୍ସ ବ୍ୟବସ୍ଥା, ସୂଚନା କେନ୍ଦ୍ର ବ୍ୟବସ୍ଥା, ସାଂସ୍କ

ଝରାଫୁଲ ଝରିଗଲା...

ଡ଼. ନମିତା ପ୍ରଧାନ

ଫୁଲ ମଧ୍ୟରେ ଶ୍ରେଷ୍ଠ ପାରିଜାତ । ଯାହା ସ୍ୱର୍ଗର ଦେବତାମାନଙ୍କର ଅତି ପ୍ରିୟ । କୁହାଯାଏ ଏହି ଫୁଲ କୁଆଡେ ମଉଳେ ନାହିଁ । କିନ୍ତୁ ସ୍ୱର୍ଗକୁ କିଏ ଯାଇଛି ନା ପାରିଜାତ ଫୁଲକୁ ଦେଖିଛି । ମାତ୍ର ମର୍ତ୍ତ୍ୟପୁରରେ ଫୁଟୁଥିବା ସବୁ ଫୁଲ ଦିନେ ନା ଦିନେ ମଉଳେ ।

ଏହି ସଂସାରକୁ ମଣିଷ ଲୀଳଖେଳାକରିବାକୁ ଆସେ । ବିଶ୍ୱନିୟନ୍ତାଙ୍କ ଏ ସଂସାର ରୂପକ ବଗିଚାର କିଏ କଂଟା ହୋଇଯାଏ ତ କିଏ ପୁଣି ପତ୍ର ଯାଏ । କେହିବି ପୁଣି ଶୋଭାମୟ ଫୁଲଟଏ ହୋଇ ନିଜର ସୁଗନ୍ଧରେ ଅନ୍ୟକୁ ବିମୋହିତ କରେ ।

ମଣିଷ ରୂପୀ ଫୁଲର ସୁଗନ୍ଧ କିପରି ?

ପର ପାଇଁ ଯିଏ କର୍ମକରି ବଂଚିପାରେ ସେ ହିଁ ଏ ସଂସାର ରୂପୀ ବଗିଚାରେ ଅତର ପରି ମହମହ ସୁଗନ୍ଧ ବିତରଣ କରୁଥିବା ଲୋଭନୀୟ ଫୁଲ । ସେ ପରକୁ ଆପଣାର କରେ, ନିଃସର୍ତ୍ତରେ ଭଲପାଏ, ପୁଣି ନିଜର ସଂସାରକୁ ସଜାଡ଼ିବା ଲାଗି ନିରନ୍ତର ଲାଗିଥାଏ ଦେହାତୀତ ହେବାଯାଏ । ସମସ୍ତଙ୍କ କଥା ବୁଝିବା ଭିତରେ କାହାପ୍ରତି ପାତର ଅନ୍ତର କରେନା । ଭଲରେ ଥାଆନ୍ତୁ ସମେସ୍ତ । ଖୁସିରେ ରହନ୍ତୁ ସଭିଏଁ । ଅତି ବିରକ୍ତ ହେଲେ ପାଟିରୁ ବାହାରି ପଡ଼େ – 'ତା' କଥା ଛାଡ଼ । ତା' ବାଟରେ ସେ ଯାଉ । ଭଗବାନ ତାକୁ ସଦ୍‌ବୁଦ୍ଧି ଦିଅନ୍ତୁ ।'

ଏ ସଂସାରରେ ରକ୍ତମାଂସ ଦେହ ଧାରଣ କରି ଜନ୍ମ ନେଇଥିବା କେଉଁ ମଣିଷ ଭିତରେ ରାଗ, ରୁଷା, ମାନ, ଅଭିମାନ ନାହିଁ ? ହେଲେ କ୍ଷୀର ସିଝିସିଝି ସର ପଡ଼ିଲା ପରି, ସବୁ ଭିତରେ ଯାହା ଶେଷକୁ ରହିଯାଏ, ତାହାହିଁ ମଣିଷର ଅସଲ ରୂପ, ଅସଲ ବାସନା ।

ଦିବଂଗତ ଇନ୍ଦିରା ପ୍ରଧାନ । ଜନ୍ମ:- ୧୨-୦୪-୧୯୫୪ ଏବଂ ମୃତ୍ୟୁ:– ୦୩-୦୨-୨୦୨୫ ଏକସ୍ତରୀ ବଷର୍ର ପରିପୂର୍ଣ୍ଣ ଜୀବନ । ଅନୁଗୋଳ ଜିଲ୍ଲା ରେଙ୍ଗାଲି ଡ଼େମ୍ ନିକଟ କୁଳୁମାଗ୍ରାମ, ସ୍ୱାମୀ- ଶ୍ରୀଜଗମୋହନ ପ୍ରଧାନ, ଅନୁଗୋଳ ଜିଲ୍ଲାର ଜଣେ ସମ୍ଭ୍ରାନ୍ତ ପରିବାରର ଶିକ୍ଷାନୁରାଗୀ ଓ ଦରଦୀ ବ୍ୟକ୍ତିଙ୍କ ଘରକୁ ଅନେକ ରାଜନୈତିକ ବ୍ୟକ୍ତି ଆସନ୍ତି ବିଭିନ୍ନ ପ୍ରସଙ୍ଗ ନେଇ । ଫଳରେ ଘରେ ଭିଡ଼ ଜମେ । ସବୁ ସମ୍ଭାଳିବାକୁ ପଡେ ଇନ୍ଦିରାଙ୍କୁ । ଗୋଟିଏ ପୁଅ, ଗୋଟିଏ ଝିଅ ଏବଂ ନାତି ନାତୁଣୀ । ଶେଷ ବେଳକୁ ଏକାଏକା । ବୟସ ବଢ଼ି ଗଲେ ଏକଲା ହୋଇଯିବା ବୋଧେ ସତ । ଶ୍ୱଶୁର ରାଜକିଶୋର ପ୍ରଧାନ ଓ ଶାଶୁ ବିଜୁଳି ପ୍ରଧାନ ତାଙ୍କୁ ଆଦରରେ ଡାକୁଥିଲେ ଇନ୍ଦିରା । ଗାଁର ସାଇପଡ଼ିଶାରେ ଲୋକ ସମ୍ବୋଧନ କରୁଥିଲେ ଲକ୍ଷ୍ମୀ ସାଆନ୍ତାଣି । ଦୁଃଖୀରଙ୍କିଙ୍କ ପ୍ରତି ରହିଥିଲା ତାଙ୍କର ଅମାପ ଦରଦ । ଖାଲି ହାତରେ ତାଙ୍କଠାରୁ କେହି ନିରାଶ ହୋଇ ଫେରିନି । କୋଡ଼ିଏ ବର୍ଷ ବୟସରେ ସୁଦୂର ଦେବଗଡ଼ରୁ ଆସିଲା ବେଳେ ପିତା ଗୌତମ ସାହୁ ଓ ମାତା ଦେବକୀ ସାହୁ ଦେଇଥିଲେ ଯାହା ଉପଢ଼ୌକନ ସେସବୁକୁ ଦୁଃଖୀ ମଣିଷଙ୍କୁ ଦାନଧର୍ମରେ ଅଜାଡ଼ି ଦେଇଛନ୍ତି ।

ଧନ ସରିଗଲେ ବି ଜୀବନ ସରେନି । ବହୁକୁଟୁମ୍ବ ତନିଶେଣିଆ ଘର ଶୂନ୍ୟ ହୋଇ ଆସିଲା ବେଳେ ମଧ୍ୟ ଅଟକି ଯାଏନି ଦିନଚର୍ଯ୍ୟା । ଜୀବନ ଚାଲେ । ଜୀବନ ଭାଳେ ଓ ନିଜକୁ ସମ୍ଭାଳେ । ସେ ବି ସମ୍ଭାଳି ଗଲେ ୭୧ ବର୍ଷ କାଳ ସେଇ କୁଳୁମା ଗାଆଁରେ ।

ମନେ ପଡୁଛି କିଛି କଥା । କୁଳୁମା ଗାଁରେ ସ୍ୱାମୀ ଜଗମୋହନ ପ୍ରଧାନ ନିଜ ଉଦ୍ୟମରେ ଜଗମୋହନ ଉଚ୍ଚ ବିଦ୍ୟାଳୟ ଓ ଜଗମୋହନ କଲେଜ ପ୍ରତିଷ୍ଠା କଲା ବେଳେ ସେଥିରେ ଚାକିରି କରିବାକୁ ଆଗେଇ ଆସନ୍ତି ଅନେକ ବ୍ୟକ୍ତି । କାରଣ ଜଗମୋହନଙ୍କ ଭଳି ତାଙ୍କ ସ୍ତ୍ରୀ ମଧ୍ୟ କମର୍ଚାରୀଙ୍କୁ ଆପଣାର ଭଳି ସ୍ନେହ କରନ୍ତି । ଅଭାବ ଅସୁବିଧା ବେଳେ ସାହାଯ୍ୟର ହାତ ବଢ଼ାଇ ଦିଅନ୍ତି । ଯିଏ ବି ଗାଲ ହସହସ ମୁହଁ ନେଇ ଫେର । ସେ ଭଳିଆ ମଣିଷ ଥିଲେ ଇନ୍ଦିରା । ପରୋପକାରୀ ଓ ସମାଜପ୍ରେମୀ ।

ଅଳ୍ପଦିନର ସ୍କୁଲ ପଢ଼ା । ମାତ୍ର ବହି, ଗ୍ରନ୍ଥାବଳୀ, ଅନେକ ପତ୍ରପତ୍ରିକା ପଢ଼ି ଥିଲେ ସେ । ଜୀବନରେ ସୁଗନ୍ଧ ଥିଲା ତାଙ୍କର । ବସୁଧୈବ କୁଟୁମ୍ବକମ୍ ଭାବନା ଥିଲା ।

ମଣିଷ ହୋଇ ଫୁଲହେବା କ'ଣ ସହଜ ?

ଏତିକି ସ୍ମରଣ ରହୁ । ଫୁଲ ଝରେ, ଗଛ ବି ମରେ । ଇନ୍ଦିରା ଥିଲେ ଏ ସୃଷ୍ଟିର ଝରା ଫୁଲ । ସମସ୍ତଙ୍କ ସମ୍ମୁଖରେ ସେ ବି ଝରିଗଲେ ।

ଜଗତରେ ଇନ୍ଦିରାଙ୍କ ପରି ଫୁଲମାନଙ୍କର ମହକ ବିଚ୍ଛୁରିତ ହେଉ ।

ଓଁଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

+ ରେଙ୍ଗାଲି ଡ଼େମ ସାଇଡ଼,
ଅନୁଗୁଳ

ଅଧିକ ଚାପଗ୍ରସ୍ତ

ଚାପ ବି ଚିନ୍ତା ଏବେ ପ୍ରତ୍ୟେକଙ୍କ ଜୀବନଶୈଳୀର ଅଂଶବିଶେଷ ହୋଇଯାଇଛି ଏବଂ ଅନେକ ଏଥିରେ ପୀଡ଼ିତ । ତେବେ ଆପଣ ଯଦି ସଠିକ୍ ପରିମାଣରେ ନିଦ୍ରା ଯିବା ସହିତ ଖାଦ୍ୟ ଠିକ୍ ରଖିଥିଲେ ମଧ୍ୟ ନିଜକୁ ଠିକ୍ ମନେ କରୁ ନାହାନ୍ତି ତେବେ ଆପଣଙ୍କ ଜୀବନରେ କିଛି ପରିବର୍ତ୍ତନ ଆଣିବାକୁ ପଡ଼ିବ । ଯଦି ପ୍ରତ୍ୟେକ ରାତିରେ ଆପଣଙ୍କୁ ଦିନମାନର ଚିନ୍ତା ଘାରୁଛି ଏବଂ ଆପଣ ଶାନ୍ତିରେ ଶୋଇ ପାରୁନାହାନ୍ତି ଏବଂ ଯଦି ବି ବିଳମ୍ବିତ ରାତ୍ରିରେ ଶୋଉଛନ୍ତି ଆପଣ ସକାଳୁ କ୍ଳାନ୍ତ ଅନୁଭବ କରୁଛନ୍ତି ତେବେ ଏହା ଚାପଗ୍ରସ୍ତ ଜୀବନର ପ୍ରଥମ ଲକ୍ଷଣ । ତେଣୁ ନିଦ୍ରାହୀନତାକୁ ସାମ୍ନା କରିବା ପାଇଁ ପ୍ରଥମେ ଭଲଭାବେ ସାୱାର ବାଥ୍ ନିଅନ୍ତୁ ଏବଂ ତା'ପରେ ଉଷୁମ ଚାମୋମିଲ୍ ଚା' ପିଇ ବେଡ୍‌କୁ ଯାଆନ୍ତୁ । ଏହାଦ୍ୱାରା ଉତ୍ତମ ନିଦ୍ରା ହେବ ।

ଚାପ ବା ଚିନ୍ତା ଏବେ ପ୍ରତ୍ୟେକଙ୍କ ଜୀବନଶୈଳୀର ଏକ ଅଂଶବିଶେଷ ହୋଇଯାଇଛି ଏବଂ ଅନେକ ଏଥିରେ ପୀଡ଼ିତ । ତେବେ ଆପଣ ଯଦି ସଠିକ ପରିମାଣରେ ନିଦ୍ରା ଯାଇ ଏବଂ ସଠିକ୍ ପରିମାଣରେ ଖାଦ୍ୟ ଖାଇ ମଧ୍ୟ ନିଜକୁ ଠିକ୍ ମନେ କରୁନାହାନ୍ତି, ତେବେ ଆପଣଙ୍କ ଜୀବନରେ କିଛି ପରିବର୍ତ୍ତନ ଆଣିବାକୁ ପଡ଼ିବ । ଯଦି ଆଖିତଳ ହଠାତ୍ ଖୁବ୍ କଳା ଦେଖାଯାଉଛି ତେବେ ଏହା ଭିଟାମିନ୍ ଅଭାବ କିମ୍ବା ନିଦ୍ରାହୀନତା ହେତୁ ହୋଇପାରେ । କିନ୍ତୁ ଏହା ମଧ୍ୟ ଚାପ ଓ ଚିନ୍ତାର ଅନ୍ୟ ଏକ କାରଣ । ତେଣୁ ଯଦି ଆଖି ତଳ କଳା ଦେଖାଯାଉଛି ତେବେ ଆପଣଙ୍କ ଜୀବନଶୈଳୀରେ କିଞ୍ଚିତ୍ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତୁ । ଯଥା-ବେଡ୍‌କୁ ଜଲଦି ଯାଆନ୍ତୁ, ଭଲଭାବେ ଗାଧନ୍ତୁ ଏବଂ ଧ୍ୟାନ କରନ୍ତୁ । ଯେତେବେଳେ ଆପଣ ଖୁସିଥିବେ ସେତେବେଳେ ଆପଣଙ୍କ ତ୍ୱଚା ଗ୍ଲୋ କରିବ । କିନ୍ତୁ ଯଦି ଆପଣଙ୍କ ତ୍ୱଚାରେ କିଛି ପରିବର୍ତ୍ତନ ଦେଖାଦେଉଛି କିମ୍ବା ତ୍ୱଚା ମାନ୍ଦା ଦେଖାଦେଉଛି ତେବେ ଏହା କେବଳ ଆପଣଙ୍କ ଖାଇବା ଶୈଳୀ ପାଇଁ ନୁହେଁ ବରଂ ଏହା ଆପଣଙ୍କ ଚାକିରି ପାଇଁ ହୋଇଥାଇପାରେ । ଏଥିପାଇଁ ଏକ ଜେଣ୍ଟଲ କ୍ଲିନ୍‌ଜର ଏବଂ ଉଚ୍ଚମାନର ମଏଶ୍ଚରାଇଜର ବ୍ୟବହାର କରନ୍ତୁ । ଏଥିପାଇଁ ମଧ୍ୟ ଘରୋଇ ପ୍ରସ୍ତୁତ ମହୁ ତଥା ସୁଗାର ସ୍କ୍ରବ୍ ବ୍ୟବହାର କରିପାରିବେ । ମହୁରେ ରହିଛି

ଆଣ୍ଟିବ୍ୟାକ୍ଟେରିଆ ଏବଂ ଏହା ବାସ୍ତବରେ ଖୁବ୍ ଉପକାରୀ । ଖାଦ୍ୟରେ ହଠାତ୍ ପରିବର୍ତ୍ତନ ଆଣିଛନ୍ତି ? ତେବେ ହେଁ, ଏହା ମଧ୍ୟ ଆପଣଙ୍କ କାର୍ଯ୍ୟଚାପ ହେତୁ ହୋଇଥାପାରେ । ଯଦି ଆପଣ ଅଧିକାଂଶ ସମୟରେ କ୍ୟାଫିନ୍ ଏବଂ ଫ୍ୟାଟି ଫୁଡ୍ ଉପରେ ନିର୍ଭର କରୁଛନ୍ତି ତେବେ ଏହା ମଧ୍ୟ ଜାଣିରଖନ୍ତୁ ଯେ, ଏହା ଆପଣଙ୍କ ସ୍ୱାସ୍ଥ୍ୟରେ କ୍ଷତି ପହଞ୍ଚାଇବା ସହ ଆପଣଙ୍କ ଓଜନ ବୃଦ୍ଧି କରିପାରେ । ତେଣୁ ସବୁବେଳେ ମନେ ରଖନ୍ତୁ, ଦିନସାରା ଫଳ ଏବଂ ସନ୍ତୁଳିତ ଖାଦ୍ୟ ଗ୍ରହଣ କରନ୍ତୁ । କନ୍ଦମୂଳ ଏବଂ ଆଲ୍‌ମଣ୍ଡ ବି ଖାଇପାରିବେ । ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ ଏବଂ ଚାପର ସ୍ତରକୁ କମାଇଦେବ । ଯଦି ଆପଣ ସଠିକ୍ ସମୟରେ ଖାଉନାହାନ୍ତି ବା ମିଲ୍ ସ୍କିପ୍ କରୁଛନ୍ତି ତେବେ ଏହା ଖୁବ୍ ବିପଦପୂର୍ଣ୍ଣ । ଯଦି କାର୍ଯ୍ୟକ୍ଷେତ୍ରରେ ଆପଣ ଅତ୍ୟଧିକ ଚାପଗ୍ରସ୍ତ ଅଛନ୍ତି ଏବଂ ଏଥିପାଇଁ ଆପଣଙ୍କୁ ଆଦୌ ଖାଇବାକୁ ଇଚ୍ଛା ହେଉନାହିଁ ତେବେ ଆପଣ କିଛି ଫଳ କିମ୍ବା ବାଦାମ ମଞ୍ଜି ଖାଇପାରିବେ । କିନ୍ତୁ ଆଦୌ ନଖାଇଲେ ଆପଣଙ୍କ ଶରୀର ଦୁର୍ବଳ ହୋଇଯିବ ଏବଂ ଆପଣ ଷ୍ଟ୍ରେସ୍ ସହ ଫାଇଟ କରିପାରିବେନି । ଯଦି ଟିକେଟିକେ କଥାରେ ଅପାଣ ଆପଣଙ୍କ ଜୀବନର ଅତି ନିଜର ଲୋକ ଉପରେ କିମ୍ବା ପରିବାରର ଲୋକଙ୍କ ଉପରେ ରାଗି ଯାଉଛନ୍ତି କିମ୍ବା ସହକର୍ମୀଙ୍କ ସହ ଠିକ୍‌ଭାବେ କଥା ହୋଇପାରୁନାହାନ୍ତି ତେବେ ଏହା ମଧ୍ୟ ଆପଣଙ୍କ ଚାପଗ୍ରସ୍ତ ଜୀବନର ଅନ୍ୟ ଏକ ଲକ୍ଷଣ । ଏଥିପାଇଁ ନିଜେ ନିଜେ ରିଲାକ୍ସ ହେବାକୁ ଚେଷ୍ଟା କରନ୍ତୁ ।

ସଫଳତାର ମନ୍ତ୍ର

ଏ ସଂସାରରେ ସମସ୍ତେ ସଫଳତା ଲାଭ ଲାଗି ଇଚ୍ଛୁକ । କେହି ଭୌତିକ ଜୀବନରେ ସଫଳତାର ଆଶା ରଖନ୍ତି ତ ଆଉକେହି ଆଧ୍ୟାତ୍ମିକ କ୍ଷେତ୍ରରେ ସଫଳ ହେବାକୁ ମନ ବଳାନ୍ତି । ମନୁଷ୍ୟର ସଫଳତା ପ୍ରାପ୍ତି ନିର୍ଭର କରେ ତା'ର କର୍ମର ଶ୍ରେଷ୍ଠତା ଉପରେ । କର୍ମ ଯଦି ସତ୍ ଓ ନିଷ୍କାମ; ତେବେ ସଫଳତା ପ୍ରାପ୍ତି ଅସମ୍ଭବ ନୁହେଁ । ଏଥି ପାଇଁ ମନର ଶାନ୍ତି ଓ ପ୍ରସନ୍ନତା ଆବଶ୍ୟକ । ଇଚ୍ଛା ଦ୍ୱାରା ହିଁ ଜଟିଳ କାର୍ଯ୍ୟ ସହଜରେ ସାଧିତ ହୋଇଥାଏ । ଇଚ୍ଛାରୁ ଜନ୍ମ ନିଏ ପରିବାର ବିଶ୍ୱାସ ଏବଂ ତାହା ଆତ୍ମ-ବିଶ୍ୱାସରେ ପରିଣତ ହୁଏ । ବିଶ୍ୱାସ ଓ ଆତ୍ମ-ବିଶ୍ୱାସ ସଫଳତା ପାଇବାର ଅମୋଘ ଅସ୍ତ୍ର । ଆତ୍ମ-ବିଶ୍ୱାସ ଆମ ଭିତରେ ଦେବତ୍ୱ ଗୁଣ ପ୍ରକଟ କରେ । ସେତେବେଳେ ବ୍ୟକ୍ତି ସମର୍ଥ ହୋଇ ଯେକୌଣସି କାମ କରିପାରେ । ନିଜ ଉପରେ ବିଶ୍ୱାସ ନ ଥିବା କାରଣରୁ ଆମେ ଅନେକ ସମୟରେ ଅସଫଳ ହେଉ । ଆତ୍ମବିଶ୍ୱାସ ସଂପର୍କରେ ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତି ଏଠାରେ ଉଲ୍ଲେଖଯୋଗ୍ୟ- 'ଯାହାର ଆତ୍ମ-ବିଶ୍ୱାସ ନାହିଁ, ସେ ନାସ୍ତିକ । ବ୍ୟକ୍ତି ଅଥବା ରାଷ୍ଟ୍ର ଯେତେବେଳେ ଆତ୍ମ-ବିଶ୍ୱାସ ହରାଏ, ସେତେବେଳେ ହିଁ ତା'ର ମରଣ ହୁଏ । ଏଣୁ ନିଜ ଉପରେ ବିଶ୍ୱାସ ହିଁ ସଫଳତାର ଏକମାତ୍ର ଉପାୟ ।'

କଳା ଖରାପ ନୁହେଁ——

କେହି କେବେ ନିଜ ମୁହଁକୁ କଳାରଙ୍ଗରେ ସଜାଇବାକୁ ଚାହିଁବେନି କି କଳାରଙ୍ଗର ତ୍ୱଚା ପାଇବାକୁ ଇଚ୍ଛା କରିବେନି । କଳା ଅଙ୍ଗାରହାତ ମଇଳା କରିଦେଉଥିବାରୁ ଏହାକୁ ଧରିବା ଲାଗି ବି ଅନେକେ ପସନ୍ଦ କରନ୍ତିନି । କିନ୍ତୁ ଏବେ ଅଙ୍ଗାର ସୌନ୍ଦର୍ଯ୍ୟ ବୃଦ୍ଧିର ପ୍ରମୁଖ ଉପାଦାନ ପାଲଟିଛି । ଏମିତି ତ ପାରମ୍ପରିକ ଉପାୟରେ ଭାରତରେ କ୍ଷତ ଶୁଖାଇବା ଲାଗି ଅଙ୍ଗାର ବ୍ୟବହାର କରାଯାଏ, ହେଲେ ଜାପାନରେ ବର୍ଷ ବର୍ଷ ଧରି ଏହାକୁ ସ୍ୱଚ୍ଛ ତଥା ଉଜ୍ଜ୍ୱଳ ତ୍ୱଚା ପାଇବା ଲାଗି ଏକ ସୌନ୍ଦର୍ଯ୍ୟ ଉପକରଣ ଭାବେ ବ୍ୟବହାର କରାଯାଇଆସୁଛି । ଆଶ୍ଚର୍ଯ୍ୟ ହେଉଛନ୍ତି କି ! ଏବେ ଅଙ୍ଗାର ଅବଶୋଷଣ ବଢ଼ାଇବା ପାଇଁ କ୍ଲିନ୍‌ଜର, ଫେସ୍ ମାସ୍କ, ସ୍କ୍ରବ୍ ଏବଂ ସାବୁନ୍‌ରେ ବି ବ୍ୟବହାର କରାଯାଉଛି । ଯେଉଁ ଅଙ୍ଗାର ତ୍ୱଚା ମଇଳା କରିଦିଏ, ସେ କେମିତି ସୁନ୍ଦର କରିବ ବୋଲି ଭାବୁଛନ୍ତି କି ? ଅଙ୍ଗାରରେ ରହିଛି କିଛି ଖାସ୍ ଗୁଣ-

ପ୍ରଦୂଷଣରୁ ମୁକ୍ତ ରଖିବା ଅଙ୍ଗାରର ଏକ ବିଶେଷ ଗୁଣ । ଆକ୍ଟିଭେଟେଡ୍ ଅଙ୍ଗାର ଚୁମ୍ବକ ପରି ତ୍ୱଚାରୁ ଟକ୍‌ସିନ ଶୋଷିନିଏ । ତେଣୁ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଯଦି ଅଙ୍ଗାରଯୁକ୍ତ ଫେସ୍‌ୱାସ ବ୍ୟବହାର କରନ୍ତି, ତେବେ ସକାଳୁ ଫ୍ରେଶ୍ ତ୍ୱଚା ପାଇପାରିବେ ।

ତ୍ୱଚାରେ କଳାଦାଗ ହେଉଥିଲେ ଏହି ବ୍ଲାକ୍‌ହେଡ୍ ଦୂର କରିବା ପାଇଁ ଦରକାର ଏକ ଅଙ୍ଗାରଯୁକ୍ତ ବ୍ଲାକ୍‌ହେଡ୍ ରିମୁଭାଲ ଷ୍ଟ୍ରିପ୍ ଯେଉଁଥିରେ ଆକ୍ଟିଭେଟେଡ୍ ଚାର୍‌କୋଲ ରହୁଥିବ । ଏହା ତ୍ୱଚାର ଗଭୀରତାରୁ ବ୍ଲାକ୍‌ହେଡ ସମସ୍ୟା ଦୂର କରିଥାଏ । ଅଙ୍ଗାର ସହାୟତାରେ ଏଥିରୁ ମୁକ୍ତି ପାଇବା ସହଜ ।

ଭଲ କ୍ଲିନ୍‌ଜିଂ ପାଇଁ ପ୍ରତି ସପ୍ତାହରେ ଚାରକୋଲ୍ ଫେସ୍‌ମାସ୍କ ବ୍ୟବହାର କରନ୍ତୁ । ଯଦି ତୈଳୀୟ ତ୍ୱଚା ହୋଇଥାଏ ତେବେ ସପ୍ତାହକୁ ଦୁଇଥର ବ୍ୟବହାର କରିପାରନ୍ତି । ଶୁଷ୍କ ତ୍ୱଚା ହୋଇଥିଲେ ଫେସ୍ ପ୍ୟାକ୍ ଲଗାଇବା ପରେ ଏକ ଭଲ ମଏଶ୍ଚରାଇଜର ଲଗାଇବାକୁ ଭୁଲିବେନି ।

ନିଜ ଡିଟକ୍ସିଫାଇଂ ଏବଂ କ୍ଲିନ୍‌ଜିଂ ଗୁଣ ଯୋଗୁ ଚାର୍‌କୋଲଯୁକ୍ତ ପ୍ରଡକ୍ଟ ବ୍ରଣରୁ ବି ମୁହଁକୁ ରକ୍ଷା କରିବ । ତ୍ୱଚା ସଫା କରିବା ସହିତ ଏହା ତ୍ୱଚାର ରନ୍ଧ୍ରକୁ ମଧ୍ୟ ସଫା କରି ପୂରାଦିନ ଚମକ ଦେଇଥାଏ ।

ସକାଳ ଜଳଖିଆ ଖାଉନାହାନ୍ତି କି ?

ସକାଳ ଜଳଖିଆ ନଖାଉଥିବା କିମ୍ବା ଖରାବେଳ ପର୍ଯ୍ୟନ୍ତ ଉପାସ ରହୁଥିବା ଟାଇପ୍-୨ ଡାଇବେଟିସ୍ ପୀଡ଼ିତ ଲୋକଙ୍କ ରକ୍ତ ଶର୍କରାରେ ପରିବର୍ତ୍ତନ ହେଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ସକାଳ ଜଳଖିଆ ଖାଇନଥିବା ୨୨ ଜଣ ଟାଇପ୍- ୨ ଡାଇବେଟିସ୍ ରୋଗୀଙ୍କଠାରେ ମଧ୍ୟାହ୍ନ ଭୋଜନ ଓ ରାତ୍ରୀ ଭୋଜନ ପରେ ରକ୍ତ ଶର୍କରାରେ ଶର୍କରା ସାମାନ୍ୟଠାରୁ ଅଧିକତର ଜଣାପଡ଼ିଲା । ଜଳଖିଆ ନଖାଇବା ଦ୍ୱାରା ଶରୀରରେ ଗ୍ଲୁକୋଜ୍ ପ୍ରକ୍ରିୟାକରଣ ଏବଂ ରକ୍ତ ଶର୍କରା ଶକ୍ତିରେ ପରିବର୍ତ୍ତନ ହ୍ରାସ ପାଇଥିଲା । ସକାଳ ଜଳଖିଆ ଛାଡ଼ିବା ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ ବୋଲି ଗବେଷକମାନେ ଜାଣିଥିଲେ । କିନ୍ତୁ ଏଥିପାଇଁ ଗ୍ଲୁକୋଜ୍ ମେଟୋବୋଲିଜମ୍‌ର ସାମ୍ନା କରିବାକୁ ପଡ଼େ ଜାଣି ସେମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି । ଟେଲ୍ ଅଭିଭ୍ ୟୁନିଭର୍ସିଟିର ମୁଖ୍ୟ ଲେଖକ ଡାନିଏଲା ଜାକୁବୋଇକ୍ କହନ୍ତି, ଏହାର ଅର୍ଥ ମଧ୍ୟାହ୍ନ ଭୋଜନ ଓ ରାତ୍ରୀ ଭୋଜନରେ ଶ୍ୱେତସାର ଏବଂ ଶର୍କରା ପରିମାଣ କମାଇଦେଲେ ମଧ୍ୟ ସକାଳ ଜଳଖିଆ ନଖାଉଥିବା ରୋଗୀଙ୍କ ଗ୍ଲୁକୋଜ୍ ସ୍ତର ହ୍ରାସ କରିବାରେ ତା'ର କୌଣସି ପ୍ରଭାବ ନାହିଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ବିଶ୍ୱ ସ୍ତରରେ ପ୍ରତି ୧୦ ଜଣ ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ଡାଇବେଟିସ୍ ପୀଡ଼ିତ । ତନ୍ମଧ୍ୟରୁ ଅଧିକାଂଶ ଲୋକ ଟାଇପ୍-୨ ଡାଇବେଟିସ୍ ପୀଡ଼ିତ । ଏହା ମେଦବୃଦ୍ଧି ଓ ବୟସ ବୃଦ୍ଧି ସହ ସମ୍ପୃକ୍ତ । ଶରୀର ପର୍ଯ୍ୟାପ୍ତ ହର୍ମୋନ୍ ଇନ୍‌ସୁଲିନ୍ ପ୍ରସ୍ତୁତ କରିନପାରିଲେ ଏହି ସମସ୍ୟା ହୋଇଥାଏ । ସକାଳ ଜଳଖିଆ ନ ଖାଇଲେ ଓଜନ ବୃଦ୍ଧି ଓ ମଧୁମେହ ସମସ୍ୟା ବଢ଼ିଥିବା ପୂର୍ବ ଅଧ୍ୟୟନରୁ ଜଣାପଡ଼ିଥିବା ଜାକୁବୋଇକ୍ ଓ ତାଙ୍କ ସହକର୍ମୀମାନେ ଡାଇବେଟିସ୍ କେୟାର ପତ୍ରିକାରେ ପ୍ରକାଶ କରିଚନ୍ତି । ହାରାହାରି ୫୭ ବର୍ଷ ବୟସର ୧୨ଜଣ ପୁରୁଷ ଓ ୧୦ ଜଣ ମହିଳାଙ୍କୁ ସଦ୍ୟ ଅଧ୍ୟୟନରେ ସାମିଲ କରାଯାଇଥିଲା ।

ୱାର୍କିଂ ମମ୍

ପିଲାଟିଏ କୋଳରେ ଥିଲେ ଖୁବ୍ ଖୁସି ଲାଗେ ସତ, ହେଲେ ଖୁବ୍ ଦାୟିତ୍ୱ ନିଭାଇବାକୁ ପଡ଼େ । ତେବେ ଦାୟିତ୍ୱ ଟିକେ ଅଧିକ ଭାରି ପଡ଼ିଯାଏ ୱାର୍କିଂ ମମଙ୍କ ନିକଟରେ । ଏପରିକି ପିଲାର ନିତିଦିନର ଖାଇବା, ଗାଧୋଇବା ଏବଂ ଅନ୍ୟ କିଛି କାମ ସରିଗଲେ କିଛିଗୋଟେ ବଡ଼ ଜିନିଷ ହାସଲ କରିବା ପରି ଲାଗେ । ନିଜ ପିଲା ଓ ଅଫିସର ଦାୟିତ୍ୱ ଏକ ସମୟରେ ସନ୍ତୁଳନ ରଖି ତୁଲାଇବା ଏତେ ସହଜ କଥା ନୁହେଁ । ତେବେ ଜାଣନ୍ତୁ କେମିତି ସନ୍ତୁଳନ ରଖିବେ ଏଥିରେ ।

ରୁଟିନ୍ ଟାଇମ ମେଣ୍ଟେନ୍ କରନ୍ତୁ । ଜୀବନକୁ ସନ୍ତୁଳନ ରଖିବାରେ ସବୁଠାରୁ ମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିଭାଇଥାଏ ଏହି ରୁଟିନ୍ ଟାଇମ୍ । ସବୁବେଳେ ରୁଟିନ୍ ଅନୁଯାୟୀ କାମ ସାରିବାକୁ ଚେଷ୍ଟା କରନ୍ତୁ ।

ସବୁ ଜିନିଷ ସଜାଡ଼ି ରଖନ୍ତୁ ଯାହାଦ୍ୱାରା ଦରକାର ସମୟରେ ଆପଣଙ୍କୁ ଏଣେତେଣେ ଖୋଜି ହଇରାଣ ହେବାକୁ ପଡ଼ିବନି । ପାର୍ଟନରଙ୍କ ଠାରୁ ସହଯୋଗ ନିଅନ୍ତୁ । ପାର୍ଟନର ଯଦି ସହଯୋଗ କରିବେ ତେବେ ଆପଣଙ୍କ କାମ ଖୁବ୍ ସହଜ ହୋଇଯିବ । ଶିଶୁର ସ୍ୱାସ୍ଥ୍ୟକୁ ଆଦୌ ଅବହେଳା କରନ୍ତୁନି । ଏହାଦ୍ୱାରା ଆପଣଙ୍କୁ ହିଁ ପରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ସୁନାର ଚମକ...

ପାର୍ଥିବ ଜଗତରେ ଐଶ୍ୱର୍ଯ୍ୟର ପ୍ରତୀକ ସୁନା । ଆମ ଚଳଣି ଏପରି ଯେ ସାମାଜିକ କାର୍ଯ୍ୟକ୍ରମରେ ସୁଷ୍ମାଳଙ୍କାର ଉପହାର ବିଧି ଏବେ ବି ପ୍ରଚଳିତ । ସେହିଭଳି ଦଶହରା, ଦୀପାବଳି ଓ ଧନତେରାସରେ ସୌଭାଗ୍ୟର ପ୍ରତୀକରୂପେ ସୁନା କିଣିବାର ଧର୍ମୀୟ ବିଶ୍ୱାସ ଓ ପରମ୍ପରା ରହିଛି । ସର୍ବୋପରି ବିବାହ ଋତୁ ଆସିଗଲେ ଅଳଙ୍କାର ଦେକାନରେ ନାହିଁ ନ ଥିବା ଭିଡ଼ ଅନୁଭୂତ ହୁଏ । ବର୍ଦ୍ଧିତ ଚାହିଦା ଅନୁଯାୟୀ ସୁନା ମୂଲ୍ୟ ବଢ଼ିଚାଲେ । କ୍ରମାଗତଭାବେ ସୁନାମୂଲ୍ୟ ବଢୁଥିବାର ଲକ୍ଷ୍ୟକରି ବହୁ କୁଳିତା ଓ ସମ୍ଭ୍ରାନ୍ତ ପରିବାର ବିବାହଯୋଗ୍ୟ କନ୍ୟା ପାଇଁ ଯଥେଷ୍ଟ ପୂର୍ବରୁ ସୁନାଳଙ୍କାର ସମ୍ପତ୍ତି ରୂପେ ରଖୁଥିବାର ମାନସିକତା ମଧ୍ୟ ରହିଛି । ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ପ୍ରଦର୍ଶନ କରିବାର ପ୍ରତିସ୍ପର୍ଦ୍ଧା ମହିଳାଙ୍କଠାରେ ଅଧିକ ଅନୁଭୂତ ହୁଏ । ବଜାରରେ ଉପଲବ୍ଧ ସର୍ବାଧୁନିକ ଡିଜାଇନର ଅଳଙ୍କାର ପିନ୍ଧି ସମ୍ଭ୍ରାନ୍ତୀୟ ଠାଣିରେ ଯୋଗ ଦେଉଥିବା ମହିଳାଙ୍କ ସଂଖ୍ୟା କିଛି କମ୍ ନୁହେଁ । ଦିନକୁ ଦିନ ବଢୁଥିବା ମୂଲ୍ୟକୁ ଦୃଷ୍ଟିରେ ରଖି ସୁନା ଅଳଙ୍କାର ଛିନ୍‌ତାଇ ଓ ଲୁଟ୍ ଅପରାଧିକ ତତ୍ତ୍ୱଙ୍କ ନିଶାଣକୁ ଆସିଯାଇଛି । ଏହି ପ୍ରତିକୂଳ ପରିସ୍ଥିତିରେ ବ୍ୟାଙ୍କ ଲକରରେ ଅଳଙ୍କାର ସଂପାତି ରଖିବାକୁ ଅନେକ ଉଚିତ ମଣୁଛନ୍ତି । ଯଦି ଲକର ହିଁ ଶେଷ ମାର୍ଗ, ତେବେ ଏତେ ମୂଲ୍ୟବାନ ଅଳଙ୍କାର କିଣିବ କାହିଁକି ? ଯେଉଁ ହାରରେ ସୁନାମୂଲ୍ୟ ବଢୁଛି, ଏକ ଅନିଶ୍ଚିତ ଭବିଷ୍ୟତ ପାଇଁ ତାହା ହିଁ ଦିନେ ସୁରକ୍ଷା କବଚ ହୋଇପାରେ । ଆମେ ଏଠାରେ ଉଲ୍ଲେଖ କରିପାରିବା ଯେ ସୁନରଣ ପରିମାଣ ଆଶାତୀତ ଭାବେ ବୃଦ୍ଧି ପାଇଛି । ନିମ୍ନ-ମଧ୍ୟବିତ୍ତ ପରିବାର କ୍ରମାଗତ ଉପାର୍ଜନ ହ୍ରାସ ଭଳି ପରିସ୍ଥିତିରେ ବ୍ୟାଙ୍କରେ ସୁନାବନ୍ଧକ ରଖି ଜଟିଳ ସ୍ଥିତିକୁ ମୁକାବିଲା କରୁଛନ୍ତି । ତେଣୁ ଆମ ବ୍ୟବସ୍ଥାରେ ସୁନାର ଅପରହାର୍ଯ୍ୟ ଆବଶ୍ୟକତାକୁ ସଂପୂର୍ଣ୍ଣ ରୂପେ ଏଡ଼ାଇଦେଇ ହେବ ନାହିଁ । ଏବେ ଆମେ ଆସିବା ସୁନା ମୂଲ୍ୟ କାହିଁକ ବଢୁଛି ଓ ବିଶ୍ୱବ୍ୟାପୀ ତାହାର ପ୍ରଭାବ କ'ଣ ସେ ବିଷୟରେ ଜାଣିବା । ପ୍ରଚଳିତ ବଜାର ଅର୍ଥନୀତିରେ ଦେଶ-ଦେଶ ମଧ୍ୟରେ ରହିଛି ବ୍ୟାପାରିକ ସଂପର୍କ । ଯେତେବେଳେ ଅର୍ଥନୀତିରେ ଅସ୍ଥିରତା ଓ ଅସଂହତି ପରିଲକ୍ଷିତ ହୁଏ ସେତେବେଳେ ନିବେଶକାରୀ ସୁରକ୍ଷିତ ବିକଳ୍ପ କ୍ଷେତ୍ର ଅନୁସନ୍ଧାନରେ ଥା'ନ୍ତି । ଅଧିକାଂଶ ବିତ୍ତଶାଳୀ ରାଷ୍ଟ୍ରର ଅଭିବୃଦ୍ଧି ହାରରେ ମନ୍ଥରତା ପରିଲକ୍ଷିତ ହେଉଥିବା ବେଳେ ସେୟାର ବଜାର ବା ପୁଞ୍ଜି ବଜାରରେ ଘନ ଘନ ବିପର୍ଯ୍ୟୟ ପରିଲକ୍ଷିତ ଘଟୁଛି । ତେଣୁ ନିବେଶ ସକାଶେ ସୁନା ହିଁ ସର୍ବଶେଷ ବିକଳ୍ପ । ଏହି ଉଭୟ ଦିଗ ଆମ ଦେଶରେ ଅନୁଭୂତ ହେଉଛି । ତୃତୀୟ ଦିଗଟି ହେଲା, ଡଲାର ତୁଳନାରେ ଭାରତୀୟ ଟଙ୍କା କ୍ରମାଗ ଭାବେ ଦୁର୍ବଳ ହୋଇଚାଲିଛି । ରିଜର୍ଭବ୍ୟାଙ୍କ ପକ୍ଷରୁ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ନିଷ୍ଫଳ ହୋଇଚାଲିଛି । ସ୍ଥିତି ସୁଧାରିବା ପରିବର୍ତ୍ତେ ଅଧିକ ବିଗୁଡୁଛି । ଏବେ ଏକ ଡଲାରର ମୂଲ୍ୟ ୮୮ ଟଙ୍କାର ପହଞ୍ଚିଲାଣି । ତେଣୁ ଟଙ୍କା ଅପେକ୍ଷା ସଞ୍ଚିତ ସୁନା ହିଁ ଆଗକୁ ଅଧିକ ଲାଭପ୍ରଦ ହେବ । ଶେୟାର ବଜାର ଅପେକ୍ଷା ଅନେକେ ସୁନାରେ ନିବେଶ କରିବାକୁ ଉଚିତ ମଣୁଛନ୍ତି । ସ୍ଥିରତା ଓ ଅସ୍ଥିରତାର ପାର୍ଥକ୍ୟ ହିଁ ଏଠାରେ ବଡ଼କଥା । ବିଶେଷକରି ସୁନାର ମୂଲ୍ୟହ୍ରାସ ଏତେ ନଗଣ୍ୟ ଯେ ନିବେଶକାରୀ ବଡ଼ଧରଣର ବିପର୍ଯ୍ୟୟର ସମ୍ମୁଖୀନ ହେବାର ସମ୍ଭାବନା ଊଣା । ବିଦେଶରୁ କଞ୍ଚାତେଲ (ପେଟ୍ରୋଲିୟମ) ପଛକୁ ସୁନା ଆମଦାନୀ ବାବଦରେ ସରକାରଙ୍କୁ ବିପୁଳ ବୈଦେଶିକ ମୁଦ୍ରା ଖର୍ଚ୍ଚ କରିବାକୁ ପଡ଼ିଥାଏ । ତେବେ ଭାରତରେ ନିର୍ମିତ ଅଳଙ୍କାର ରପ୍ତାନୀର ସୁଯୋଗ ଥିବାରୁ ସେ ବାବଦରେ ସରକାର ବେଶ ଉପାର୍ଜନ ମଧ୍ୟ କରିଥା'ନ୍ତି । ବାଣିଜ୍ୟ ନିଅଣ୍ଟ ଭରଣା କରିବାରେ ଏହାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଶ୍ୱ ବଜାରରେ ସୁନାର ଆଉନ୍ସ ପିଛା ମୂଲ୍ୟ ଏଥିମଧ୍ୟରେ ୨, ୮୦୦ ଡଲାର ଅତିକ୍ରମ କରିଛି । ସେହିଭଳି ଭାରତରେ ୧୦ଗ୍ରାମ ସୁନାର ମୂଲ୍ୟ ୮୭ ହଜାର ଟଙ୍କାରେ ପହଞ୍ଚିଛି । ବିବାହ ଋତୁରେ ଚାହିଦା ଯାହା ଥାଉନା କାହିଁକି ଦିଲ୍ଲୀ ଓ ଭୁବନେଶ୍ୱର ବଜାର ନିର୍ବିଶେଷରେ ଦର ସେହି ସମାନ ରହିଛି । ଗହଣା କ୍ଷେତ୍ରରେ ଯାହା ଗଢ଼ାମୂଲ ପାର୍ଥକ୍ୟ । ତେବେ ଗୋଟିଏ ଦିନରେ ସୁନା ମୂଲ୍ୟ ୧୦୦୦ ଟଙ୍କା ବଢ଼ି ଯାଇଥିବାରୁ ଆମ ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ୧୦ ଗ୍ରାମ ମୂଲ୍ୟ ୮୭, ୨୪୦ ଟଙ୍କା ଓ ୨୨ କ୍ୟାରେଟ ସୂନା ମୂଲ୍ୟ ୮୦, ୦୦୦ ଟଙ୍କାରେ ପହଞ୍ଚିଛି । ବିଶେଷଜ୍ଞଙ୍କ ମତରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରସ୍ତାବିତ ବର୍ଦ୍ଧିତ ଶୁଳ୍କ ଲାଗୁ ହୋବା ପରେ ବଜାରରେ ସୁନା ଦର ଆହୁରି ତେଜିବ । କ୍ରମାଗତ କିଛିବର୍ଷ ଧରି ସୁନାର ମୂଲ୍ୟବୃଦ୍ଧି ଘଟୁଥିବାରୁ ସରକାର ସଭରେନ ଗୋଲ୍ଡବଣ୍ଡ ସ୍କିମକୁ ବନ୍ଦ କରିଛନ୍ତି । ଏହି ସ୍କିମ ଚଳାଇବାରେ ସରକାରଙ୍କ ଅସାମର୍ଥ୍ୟ ଏଥିରୁ ସ୍ପଷ୍ଟ ହୋଇଛି । ସୁନାରେ ନିବେଶ ପାଇଁ ଥିବା ସରକାରୀ ସୁଯୋଗ ବନ୍ଦ ହେବା ଫଳରେ ଶସ୍ତାରେ ସୁନା କିଣିବା ସକାଶେ ନିବେଶକଙ୍କୁ ଯେଉଁ ସୁବିଧା ମିଳୁଥିଲା ତାହା ଆଗକୁ ଆଉ ମିଳିବ ନାହିଁ । ଏହି ବଣ୍ଡର ମାଚ୍ୟୁରିଟି ମିଆଦ ୮ ବର୍ଷ ଥିଲା । ଏଥିରେ ନିବେଶକ ଦୋହରା ଲାଭ ପାଉଥିଲେ । ୨.୫ ପ୍ରତିଶତ ସ୍ଥାୟୀ ଜମା ହାରରେ ସୁଧ ମିଳୁଥିବା ବେଳେ ୮ ବର୍ଷ ମଧ୍ୟରେ ବର୍ଦ୍ଧିତ ସୁନା ମୂଲ୍ୟ ଉପରେ ଲାଭ ମଧ୍ୟ ପାଉଥିଲେ ନିବେଶକ । ସବୁଠାରୁ ବଡ଼କଥା ହେଲା ନିବେଶକଙ୍କ ସୁଧ ଟିକସ ମୁକ୍ତ ଥିଲା । ସ୍କିମ ବନ୍ଦ ଘୋଷଣା କରାଯାଇଥିଲେ ମଧ୍ୟ ପୁରୁଣା କିସ୍ତିର ମାଚ୍ୟୁରିଟି ଶେଷ

ମାଘରେ ଶୀତ ଗାଉଛି ଗୀତ

ଜଗଦୀଶ ସାହୁ

ମାଘରେ ଶୀତ ଗାଉଛି ଗୀତ
ଆମ୍ବ ଡାଳରେ ବସି
କୋଇଲି ସଙ୍ଗେ ମିଶି
ଦେଖିବା ଲୋକ ମନେ ପୂଲକ
ବଉଳ ଯାଏ ବାସି
ଧରିଲେ ଆମ୍ବ କଷି
ଆଖିକୁ ତୋରା ଦିଶିବ ପରା
ଧରଣୀ ରାଣୀ ଖୁସି
ଆମ ସନେଇ ଅଛି ଅନେଇ
ଖାଇବ ହସି ହସି ।
ମାଘରେ ଶୀତ ଗାଉଛି ଗୀତ
ଯୋରନ୍ଦା ମଠ ଯାଇ
ଖଞ୍ଜଣୀ ବାଜା ବାଇ
ଭୀମ ଭଜନ ଜିଣଇ ମନ
ଶିକ୍ଷା ଅନେକ ଥାଇ
ଶୂନ୍ୟକୁ କର ଦୁଇ
ଟେକି ଭକତ ଡାକେ ଆରତ
ଫେଡ଼ୁ ଅରୂପ ସାଇଁ
ତୁମ ପୟର ଆଶରା ମୋର
ଅନ୍ୟଥା ଗତି ନାଇଁ ।

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

ମହାକୁମ୍ଭ ଭିଡ଼କୁ ଭୟ କରୁଛନ୍ତି : ଏହା ଫୋବିୟା ନୁହେଁ ତ ?

ଡାକ୍ତର ସମ୍ରାଟ କର

ପ୍ରୟାଗରାଜର ମହାକୁମ୍ଭରେ ଏବେ ସମଗ୍ର ଭାରତବାସୀ ଏକ ପ୍ରକାର ନିଜକୁ କୁମ୍ଭ ମନସ୍କ କରୁଥିବାବେଳେ ମୋର ଜଣେ ପରିଚିତ ସମାଜସେବୀ ବନ୍ଧୁ ତ୍ରିନାଥ ବାବୁ ନିଜେ କୁମ୍ଭମେଳାକୁ ଯିବେ କିମ୍ବା ନାହିଁ ଏ ନେଇ ମାନସିକ ଭାବେ ଦୋଦୁଲ୍ୟମାନ ସ୍ଥିତିରେ ଥିବାବେଳେ ମୋତେ ସାକ୍ଷାତକରି କହିଲେ ସାର ବିଶ୍ୱର ସର୍ବବୃହତ୍ତ ଧାର୍ମିକ ମହୋତ୍ସବ ମହାକୁମ୍ଭର ସଙ୍ଗମରେ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଅନେକ ବଡ଼ ବଡ଼ ନେତା, ବିଦେଶୀ କୂଟନୀତିଜ୍ଞ, ସମାଜର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏବଂ ଅନେକ ସେଲିବ୍ରେଟି ଯଥା ଅନୁପଙ୍ଗେର, ହେମାମାଳିନୀ, ସୋନୁ ସୁଦ୍ ପ୍ରମୁଖ ମହାକୁମ୍ଭରେ ପବିତ୍ର ସ୍ନାନ କରି ସାରିଲେଣି । ଅଥଚ ଏକ ସାକ୍ଷାତକାରରେ ହାସ୍ୟ ଅଭିନେତ୍ରୀ ଭାରତୀ ସିଂହ ମହାକୁମ୍ଭକୁ ଯିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ତାଙ୍କ କହିବା ଅନୁଯାୟୀ ତାଙ୍କର କୁମ୍ଭ ମେଳାକୁ ଯିବାକୁ ବହୁତ ଇଚ୍ଛା ଥିଲେ ମଧ୍ୟ ସେଠାରେ ଯେଉଁଭଳି ଶ୍ରଦ୍ଧାଳୁଙ୍କ ଅଭୂତପୂର୍ବ ସମାଗମ ଓ ଭିଡ଼ ଘଟୁଛି ତେଣୁ ସେଠାରେ କୌଣସି ଅଘଟଣ ଘଟିବାର ସମ୍ଭାବନା ରହିଛି । ସେ ଏହା ମଧ୍ୟ କହିଛନ୍ତି ଯେ, ଏତେ ଲୋକଙ୍କ ଭିଡ଼ ଭିତରେ ସେ ଚେତାଶୂନ୍ୟ ହୋଇ ଯାଇପାରନ୍ତି କିମ୍ବା ତାଙ୍କ ପୁଅ ଓ ସେ ଅଲଗା ହୋଇଯାଇ ପାରନ୍ତି । ମୁଁ ତ୍ରିନାଥ ବାବୁଙ୍କ ଠାରୁ ଏସବୁ ଶୁଣିବା ପରେ କହିଲି ପବିତ୍ର ସଙ୍ଗମ ନଗରୀରେ ଆରମ୍ଭ ହୋଇଛି ବିଶ୍ୱ ପ୍ରସିଦ୍ଧ ମହାକୁମ୍ଭ । ସକଳ ପାପରୁ ମୁକ୍ତି ପାଇଁ ଜୀବନରେ ସଫଳତା ଲାଭ ପାଇଁ ବିଶ୍ୱର ପ୍ରତ୍ୟେକ କୋଣରୁ ଶ୍ରଦ୍ଧାଳୁମାନେ ଏଠି ଏକାଠି ହେଉଛନ୍ତି । କୁମ୍ଭ କେବଳ ଏକ ଧାର୍ମିକ ଆୟୋଜନ ନୁହେଁ ଏହା ମଧ୍ୟ ଜଣଙ୍କର ମାନସିକ, ଆସ୍ଥା, ବିଶ୍ୱାସ ଓ ପରମ୍ପରାର ଅଦ୍ୱୈତୀୟ ମିଳନ । ନିର୍ଦ୍ଦିଷ୍ଟ ତିଥିରେ ପବିତ୍ର ନଦୀରେ ବୁଡ଼ ପକାଇଲେ ପାପ ମୋଚନ ତଥା ପୁଣ୍ୟ ଅର୍ଜନ କରିବାର ବିଶ୍ୱାସ ରହିଛି । ଏଥିରେ ନକ୍ଷତ୍ର ବିଜ୍ଞାନ, ଆଧ୍ୟାତ୍ମିକତା ଓ ଭୂଗୋଳର ମିଳନ ହେବା ସହ ଆସ୍ଥା ଓ ବିଜ୍ଞାନ ମଧ୍ୟରେ କୌଣସି ଯେ ପାର୍ଥକ୍ୟ ନାହିଁ ବରଂ ଉଭୟ ମିଳିତ ଭାବେ ମାନବତାର ମାର୍ଗ ଦର୍ଶନ କରନ୍ତି ମହାକୁମ୍ଭମେଳା ଆମକୁ ଏହି ଶିକ୍ଷା ଦିଏ । ତେବେ ବାସ୍ତବରେ ଏହା ହେଉଛି କିଛି ଲୋକମାନଙ୍କର ମାନସିକ ଭାବନାର ଏକ ପ୍ରକାର ଭୟ । ମାତ୍ର ମାତ୍ରାଧିକ ହେଲେ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ । ତାକୁ ରୋଗ ବୋଲି କୁହାଯାଏ । ଓ ମାନସିକ ରୋଗ ଚିକିତ୍ସକଙ୍କୁ ଦେଖାଇ ଔଷଧ ଖାଇଲେ ଏ ରୋଗରୁ ଉପଶମ ମିଳିଥାଏ ।

ଫୋବିୟା କ'ଣ : ଫୋବିୟା ହେଉଛି କୌଣସି ସ୍ଥାନ, ବସ୍ତୁ, କାର୍ଯ୍ୟ ଓ ପରିସ୍ଥିତି ପ୍ରତି ଅହେତୁକ ଭୟ । ଯେପରିକି କେତେକ ଲୋକ ଭିଡ଼ ଭିତରକୁ ଯିବାକୁ ଭୟ କରନ୍ତି, ଉଚ୍ଚ ସ୍ଥାନକୁ ଯିବାକୁ ଭୟ କରନ୍ତି, ଘରୁ ରାସ୍ତାକୁ ଯିବାକୁ ଭୟ କରନ୍ତି, କୌଣସି ଜୀବଜନ୍ତୁ କିଛି କ୍ଷତି କରିବ ନାହିଁ ଜାଣି ମଧ୍ୟ ତାକୁ ଭୟ କରନ୍ତି । ସେଥିଯୋଗୁଁ ସେମାନେ ସେହି ସ୍ଥାନ, ବସ୍ତୁ ବା କାର୍ଯ୍ୟଠାରୁ ଦୂରେଇ ରହିବାକୁ ଚାହାନ୍ତି । ପ୍ରାୟ ପ୍ରତ୍ୟେକ ଲୋକଙ୍କ ଠାରେ ଏକ ପ୍ରକାର ଭୟ ଅଳ୍ପ ଅଧିକେ ଥାଏ ମାତ୍ର ଯେତେବେଳେ ଅତ୍ୟଧିକ ହୋଇ ମାନସିକ ବ୍ୟଥା ଦିଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ ସେତେବେଳେ ଏହା ଏକ ରୋଗ ବୋଲି ଧରାଯାଏ । ଅସ୍ୱାଭାବିକ ପରିସ୍ଥିତିର ଭୟାବହତାକୁ ସମ୍ଭାବନା କରି ଲୋକଟିର ମନରେ କଷ୍ଟ ହୋଇଥାଏ । ତେଣୁ ସେ ଏପରି ପରିସ୍ଥିତି ଠାରୁ ଦୂରେଇ ରହିବାକୁ ଚେଷ୍ଟା କରେ ଏବଂ ଏହାର ସାମନା କଲେ ଆତଙ୍କିତ ହୋଇଯାଏ ।

ଆଗାରୋଫୋବିୟା : କୌଣସି ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭୟକୁ ଆଗାରୋଫୋବିୟା ବୋଲି କୁହାଯାଏ । ସାଧାରଣତଃ ଏ ପ୍ରକାର ଫୋବିୟା ଲୋକମାନଙ୍କ ଠାରେ ଅଧିକ ଦେଖାଯାଏ । ପୁରୁଷମାନଙ୍କ ତୁଳନାରେ ସ୍ତ୍ରୀ ଲୋକମାନଙ୍କ ଠାରେ ଅଧିକ ହୋଇଥାଏ । ଏ ପ୍ରକାର ଫୋବିୟାରେ ମନୁଷ୍ୟ ଯେତେବେଳେ ନିଜ ପରିବାର ବା ଚିରାଚରିତ ପରିସ୍ଥିତିରୁ ଦୂରେଇଯାଏ ତାକୁ ଅହେତୁକ ଭୟ ଲାଗିଥାଏ । ଗୋଟିଏ ପରିସ୍ଥିତିରୁ ଆଉ ଗୋଟିଏ ପରିସ୍ଥିତିକୁ ଗଲେ ଲୋକଟି ହଠାତ୍ ବିଚଳିତ ହୋଇପଡ଼େ । ତାକୁ ସାହାଯ୍ୟ କରିବାକୁ କେହି ନଥାନ୍ତି । ସେହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ତା'ର ସାହାସ ହୁଏ ନାହିଁ କି ସେ ଉପାୟ ପାଏ ନାହିଁ । ତେଣୁ ସେ ବିବ୍ରତ ହୋଇଯାଏ । ଉଦାହରଣ ସ୍ୱରୂପ ଘର ଠାରୁ ଦୂରରେ ଏକା ରହିବା, ଭିଡ଼ ଭିତରେ ରହିଯିବା, ଟ୍ରେନ, ବସ୍ ଆଦିରେ ଏକାକୀ ବୁଲିବା ଇତ୍ୟାଦି କାର୍ଯ୍ୟଗୁଡ଼ିକୁ ସେ ସମ୍ମୁଖୀନ ହୋଇପାରେ ନାହିଁ । ଧୀରେ ଧୀରେ ପରିସ୍ଥିତି ଅଧିକ ଜଟିଳ ହୋଇଥାଏ । ଲୋକଟିର ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ । ସେ ବାହାରକୁ ନ ଯାଇ ଘର ଭିତରେ ରହିବାକୁ ଭଲ ପାଏ । କେବଳ ଜଣେ ଦି'ଜଣ ବିଶ୍ୱସ୍ତ ଲୋକଙ୍କ ସହିତ ଘର ଛାଡ଼ିଯାଏ ।

ପ୍ରଭାବ : ଏହା ସାଧାରଣତଃ ସ୍ତ୍ରୀଲୋକମାନଙ୍କ ଠାରେ ଅଧିକ ଦେଖାଦେଇଥାଏ । ଏ ରୋଗ ପ୍ରାୟତଃ ୨୫-୩୫ ବର୍ଷ ବୟସରେ ହଠାତ୍ ଆରମ୍ଭ ହୋଇଥାଏ । ଧୀରେ ଧୀରେ ଏହା ଅତ୍ୟଧିକ ହୋଇଥାଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଥାଏ ।

କାରଣ : ଏହା ସେରୋଟୋନିନ୍, ଗାବା, ଆଡ୍ରେନାଲିନ୍, ଡୋପାମିନ ଆଦି ମସ୍ତିଷ୍କରେ ଥିବା ସ୍ନାୟୁରସର ବିଶୃଙ୍ଖଳତା ଯୋଗୁଁ ହୋଇଥାଏ । ଏକ ସୂତ୍ରରୁ ଜଣାପଡ଼ିଛି ଯେ ନିଜର ରକ୍ତ ସମ୍ପର୍କୀୟ ଲୋକମାନଙ୍କ ଠାରେ ଏ ରୋଗ ଥିଲେ ଅନ୍ୟମାନଙ୍କୁ ହେବାର ସମ୍ଭାବନା ଅଧିକ ଥାଏ । ତେଣୁ ଏହା ବଂଶଗତ ହୋଇପାରେ ।

ଚିକିତ୍ସା : ଏହି ରୋଗର ଲକ୍ଷଣ ଦେଖାଦେଲେ ଶୀଘ୍ର ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ । ଏହି ରୋଗର ଚିକିତ୍ସା, ଔଷଧ ଓ ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା କରାଯାଇଥାଏ । ଏହି ରୋଗରେ ମନରୁ ଅହେତୁକ ଭୟ ଦୂର କରିବା ପାଇଁ ଔଷଧ ଅତ୍ୟନ୍ତ ଉପଯୋଗ ହୋଇଥାଏ । ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା ରୋଗୀ ମନରେ ଜନ୍ମୁଥିବା ଅହେତୁକ ଭୟକୁ ବୁଝାସୁଝା ଦ୍ୱାରା କମ୍ କରାଯାଇଥାଏ । ଫଳରେ ରୋଗୀ ମନରୁ ଭୟ କମିଯାଏ । ଏହି ରୋଗ ଯଦିଓ କୌଣସି କାରଣରୁ ଜନ୍ମ ନେଇ ନଥାଏ ତଥାପି ଅନେକ କ୍ଷେତ୍ରରେ ପରିସ୍ଥିତିର ଅନୁଭୂତି ହିଁ ତାର ଭୟର କାରଣ ହୋଇଥାଏ । ଏହାକୁ ରୋଗ ବୋଲି ଭାବି ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଚିକିତ୍ସା କଲେ ଏହି ରୋଗରୁ ଉପଶମ ମିଳିଥାଏ ।

ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ ରୋଡ଼,
କଟକ, ମୋ: ୯୧୩୨୪୩୩୩୩

'ଅଗ୍ନି ମିଳେ ପୁରୋହିତଂ...'



ପୁଷ୍ପମିତ୍ର ମହାପାତ୍ର

ଶୀତ ଋତୁର ଶେଷ ମାଘ ପୂର୍ଣ୍ଣମୀକୁ ଅଗିରା ପୂର୍ଣ୍ଣମୀ କହିଥାନ୍ତି । ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଅଗିଜଳା ଏକ ପରିଚିତ ଦୃଶ୍ୟ । ପ୍ରକୃତରେ ଅଗ୍ନି ଦେବତାଙ୍କ ପୂଜା ବୈଦିକ ଯୁଗରୁ ରହିଆସିଛି । ବୈଦିକ ଭାଷାରେ - 'ଅଗ୍ନି ମିଳେ ପୁରୋହିତଂ' ତେଣୁ ବେଦରେ ଅଗ୍ନି ହେଉଛନ୍ତି ପ୍ରଥମ ଦେବତା । ଓଡ଼ିଆ ଜନଜୀବନରେ ଚିର ପରିଚିତ ଅଗିରା ପୂନେଇଁ ଏକ ପରିଚିତ ଦିନଟି । କେବଳ ଗାଁରେ ନୁହେଁ ସହରରେ ମଧ୍ୟ ଛକ ସ୍ଥାନ ମାନଙ୍କରେ ଧାନ ନଡ଼ା ଏକତ୍ର କରାଯାଇ, ଏହାକୁ ପୂଜାର୍ଚ୍ଚନା କରି ଅଗ୍ନୀ ସଂଯୋଗ କରାଯାଇଥାଏ । ଏଥିରେ ବାଇଗଣ ଓ ଅନ୍ୟାନ୍ୟ ପରିବା ପୋଡ଼ି ଖାଇଲେ କିଛି ଚର୍ମରୋଗ ହୋଇନଥାଏ ବୋଲି ଲୋକବିଶ୍ୱାସ ରହିଛି । ଏହିଦିନରୁ ବାଘପରି ମାଘ ମାସର ଶୀତ ବିଦାୟ ନେଇ ବସନ୍ତ ଋତୁର ମୃଦୁ ସମୀରଣ ଭିତରେ ଗ୍ରୀଷ୍ମଋତୁକୁ ସ୍ୱାଗତ କରାଯାଇଥାଏ ।

ଅଗ୍ନି ଦେବତାଙ୍କୁ ପଞ୍ଚାକ୍ଷର ମନ୍ତ୍ରରେ ''ଓଁ ଆଗ୍ନେୟ ନମଃ'' ଉଚ୍ଚାରଣ କରି ଆର୍ଯ୍ୟଋଷି ଜପ କରିଛନ୍ତି । ମୁନିଋଷିମାନେ ଅଗ୍ନିଙ୍କ ସ୍ୱରୂପ କଳ୍ପନା କରି ଧ୍ୟାନ କରିଛନ୍ତି - ''ସର୍ବଲକ୍ଷଣ ସମ୍ପୂର୍ଣ୍ଣଂ ଜଟାମୁକୁଟ ମଣ୍ଡିତଂ । ଶୁଦ୍ଧଚାମୀକରଭାସଂ ସ୍ମେରାସ୍ୟଂ ମଧୁରାଧରଂ । ପୀତାମ୍ବର ପରିଧାନଂ ଦିବ୍ୟାଭରଣ ଭୂଷିତଂ ଚନ୍ଦନାଗୁରୁ କପୂରୈ ଶ୍ଚର୍ଚ୍ଚିତଂ ସ୍ରଗ୍ ବିଭୂଷିତଂ । ପରବର୍ତ୍ତୀ କାଳମାନଙ୍କରେ ଏହି ଅଗ୍ନିପୂଜା ଏତେ ଜଟିଳ ଏବଂ କଷ୍ଟସାଧ୍ୟ ହୋଇପଡ଼ିଛି ଯେ କର୍ମ ମୁଖର ଏବଂ କର୍ମ ଚଞ୍ଚଳ ଜୀବନରେ ମନୁଷ୍ୟ ବିଧିବିଧାନ ମତେ ଯଜ୍ଞ ପ୍ରଭୃତିରେ ଅଗ୍ନି ପୂଜା କରିବା ଅନେକାଂଶରେ ବ୍ୟାହତ ହୋଇଛି । ତଥାପି ଆର୍ଯ୍ୟ ସଭ୍ୟତାରେ ଅଗ୍ନି ଦେବତାଙ୍କର ରହିଛି ସ୍ୱତନ୍ତ୍ର ସ୍ଥାନ । ଏପରିକି ବୈଦିକ ରୀତିର ପ୍ରତ୍ୟେକ ଆର୍ଯ୍ୟ ପାଇଁ ଆଜି ମଧ୍ୟ ଆବଶ୍ୟକ ପଡୁଛି - ହୋମ ତଥା ଅଗ୍ନିପୂଜା । ଅଗ୍ନିର ଉତ୍ସ ହେଉଛି ସୌର ଜଗତର ନବଗ୍ରହ ମାନଙ୍କର ସୃଷ୍ଟି କେନ୍ଦ୍ର ସୂର୍ଯ୍ୟ ଦେବତା । ପୁରାଣରେ ସୂର୍ଯ୍ୟପୂଜା ସମ୍ପର୍କରେ ସୂଚୀତ ହୋଇ ଉଲ୍ଲେଖ ଅଛି - ହେ ସୂର୍ଯ୍ୟ, ହେ ଆମ୍ଭମାନଙ୍କର ଜୀବନ ଓ ବୃଦ୍ଧିର ଉଦ୍‌ଗାତା ଆବଶ୍ୟକୀୟ ଯଜ୍ଞ, ହେ ମହାନ ଆଚରଣ ପ୍ରତିଷ୍ଠିତ ଶ୍ରେଷ୍ଠ ଯଜ୍ଞକର୍ତ୍ତୃଗଣ, ଆମ

ଶରୀର ଓ ପ୍ରୋଟିନ

ଖାଇବାବେଳେ କ'ଣ ଖାଇବୁ ଓ କେତେ ଖାଇବୁ ତାହା ଆମେ ସବୁବେଳେ ହିସାବ ରଖୁ। କେତେବେଳେ କ'ଣ ଖାଇବୁ ତାହାର ବି ଏକ ତାଲିକା ରଖିଥାଉ, କିନ୍ତୁ କେଉଁ ଖାଦ୍ୟରେ କେତେ ପ୍ରୋଟିନ ରହିଛି ତାହା ଆମକୁ ଜଣାନଥାଏ। ଫ୍ୟାଟ୍ କେମିତି କମ ଖାଇ ସ୍ଲିମ ରହିବୁ ସେ କଥାକୁ ସବୁବେଳେ ନଜର ଦେଇ ଶରୀର ପାଇଁ ଆବଶ୍ୟକ ପ୍ରୋଟିନକୁ ଅଣଦେଖା କରୁ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ୧୦ ଜଣ ଭାରତୀୟଙ୍କ ମଧ୍ୟରୁ ୯ ଜଣଙ୍କ ଖାଦ୍ୟରେ ଆବଶ୍ୟକ ମୁତାବକ ପ୍ରୋଟିନ ନଥାଏ। ୯୦ ପ୍ରତିଶତ ନିରାମିଷାଶୀଙ୍କ ଖାଦ୍ୟରେ ପ୍ରୋଟିନ ଅଭାବ ରହିଛି । ଅନ୍ୟ ପକ୍ଷରେ, ଆମିଷ ଖାଉଥିବ। ୮୫ ପ୍ରତିଶତ ଲୋକଙ୍କ ଖାଦ୍ୟରେ ଏହାର ଅଭାବ ରହିଥିବା ଲକ୍ଷ୍ୟ କରାଯାଉଛି। ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ଦିଲ୍ଲୀରେ ୯୯ ପ୍ରତିଶତ ଲୋକଙ୍କର ପ୍ରୋଟିନ ଅଭାବ ରହିଥିବା ଦେଖାଯାଉଛି।

ଅତି ଦରକାରୀ

ପ୍ରୋଟିନ ଅଭାବ ରହିଲେ ଅଳସୁଆମି ଓ ଦୁର୍ବଳତା ଲକ୍ଷଣ ପ୍ରକାଶ ପାଏ। ଚୁଟି ଝଡ଼ିଯାଏ ଏବଂ ମାଂସପେଶୀର ଦୃଢ଼ତା ହ୍ରାସ ପାଏ। ଏଣୁ ଏଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ ପ୍ରୋଟିନର ଆବଶ୍ୟକତା ରହିଛି। ଆମେ ଭାବୁ ଯେ- କେବଳ ବଡ଼ି ବିଲ୍ଡରଙ୍କ ପ୍ରୋଟିନ ବେଶୀ ଦରକାର, ଆମର ନୁହେଁ- କିନ୍ତୁ ଏଭଳି ଚିନ୍ତାଧାରା ଠିକ୍ ନୁହେଁ। ଏହା ସମସ୍ତଙ୍କ ପାଇଁ ଦରକାର। କାରଣ ପ୍ରୋଟିନ୍ ଶରୀରର ବିଲ୍ଡିଙ୍ଗ୍ ବ୍ଲକ୍। ସମସ୍ତ ମାଂସପେଶୀ ଗଠନ ଓ କ୍ଷତିକୁ ଭରଣା କରିବାରେ ପ୍ରୋଟିନ୍‌ର ଭୂମିକା ବି ରହିଛି। ଏହି ମାକ୍ରୋନ୍ୟୁଟିଣ୍ଟ୍ ଯାହା ଶରୀର ପ୍ରତିଦିନ ଯଥେଷ୍ଟ ପରିମାଣରେ ଆବଶ୍ୟକ କରେ। ଏହା ଶରୀରରେ ଠିକ୍ ରହିଲେ ଶରୀର ସଠିକ ଭାବେ କାର୍ଯ୍ୟ କରେ। ଖାଦ୍ୟରେ ପ୍ରୋଟିନ୍ ଶରୀର ଭିତରକୁ ଯିବାପରେ ତାହା ଆମିନୋଏସିଡରେ ପରିଣତ ହୋଇ ବିଭିନ୍ନ କାର୍ଯ୍ୟରେ ଲାଗେ। ଚୁଟିଠୁ ଆରମ୍ଭ କରି ନଖ ଓ ମାଂସପେଶୀଠୁ ଆରମ୍ଭ କରି ବିଭିନ୍ନ ଅଙ୍ଗ ସବୁଠି ପ୍ରତ୍ୟେକ କୋଷରେ ପ୍ରୋଟିନ ରହିଛି। ଏହା ଶରୀର ଗଠନରେ ଭୂମିକା ନିଭାଉଥିବାରୁ ଏହାକୁ ଷ୍ଟ୍ରକ୍‌ଚରାଲ ପ୍ରୋଟିନ୍ କୁହାଯାଏ। ଏହି ପ୍ରୋଟିନ୍ ଅଭାବରେ ଚାଲିବା, ଦୌଡ଼ିବା ଏପରିକି ଠିଆହେବା ବି କଷ୍ଟକର। ଶରୀରରେ ମିଳୁଥିବା ଯଥେଷ୍ଟ ପରିମାଣର ପ୍ରୋଟିନ ହେଉଛି କୋଲାଜେନ୍। ଏହା ତ୍ୱଚା, ଲିଗାମେଣ୍ଟ, ପେଶୀରଜ୍ଜୁ ଓ ଅସ୍ଥିରେ ରହିଥାଏ ବୋଲି କହନ୍ତି ନ୍ୟୁଟ୍ରିସନିଷ୍ଟ ତଥାଏ ଫିଟନେସ ଏକ୍ସପର୍ଟ ଡକ୍ଟର ବିଭାଗ ସେଙ୍ଗୀ।

ନ୍ୟୁଟ୍ରିଣ୍ଟ ବି ନ୍ୟୁଟ୍ରିଣ୍ଟକୁ ଶରୀରରେ ବିଭିନ୍ନ ଅଙ୍ଗକୁ ନେବା ଆଣିବାରେ ସହାୟକ ହୋଇଥାଏ। ରକ୍ତର ଲୋହିତ ରକ୍ତ କଣିକାରେ ଥିବା ଏକ ପ୍ରକାରର ପ୍ରୋଟିନ ହିମୋଗ୍ଲୋବିନ ଫୁସ୍‌ଫୁସ୍‌ରୁ ଅମ୍ଳଜାନ ବିଭିନ୍ନ କୋଷକୁ ନେଇଥାଏ। ହର୍ମୋନାଲ ପ୍ରୋଟିନ୍ ଇନସୁଲିନ ଓ ଅକ୍ସିଟୋସିନ ବ୍ଲଡ ସୁଗାର କନସନ୍‌ଟ୍ରେସନ୍‌କୁ ନିୟନ୍ତ୍ରଣ କରେ।

ଓଜନ କମାଇଦିଏ

ମେଦ ଓ ଓଜନ ହ୍ରାସ କରିବାଗାର ପ୍ରୋଟିନ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଶରୀର ଆବଶ୍ୟକ କରୁଥିବା ପ୍ରୋଟିନ ପାଇଲେ ତାହା ଭୋକ କମାଇଦିଏ, ଖାଦ୍ୟହଜମ କରିବାରେ ସାହାଯ୍ୟ କରେ ଓ ବ୍ଲଡ ସୁଗାର ସ୍ତର ସ୍ଥିର ରଖେ। ଖାଦ୍ୟ ଖାଇବାର ଆବେଗ ଯେତେବେଳେ କମ୍ ରହେ ସେତେବେଳେ ଆମେ ପୂର୍ଣ୍ଣତା ଅନୁଭବ କରୁ ଓ ଖାଦ୍ୟ ଖାଇବାରେ ତୃପ୍ତିଲାଭ କରୁ। ଓଜନ କମିବା ପ୍ରକ୍ରିୟାରେ ଶରୀର ମାଂସପେଶୀ ଓ ଫ୍ୟାଟ କ୍ଷୟ କରେ ଯାହାର ଭରଣା ଲାଗି ଆମକୁ ଆବଶ୍ୟକ ପ୍ରୋଟିନ ଖାଇବାକୁ ପଡ଼େ ବୋଲି କହନ୍ତି ଡ. ସେଙ୍ଗୀ। ଓଜନ ହ୍ରାସ କରିବା ପାଇଁ ବ୍ୟାୟାମ କରିବାଦ୍ୱାରା ମାଂସପେଶୀର କ୍ଷତି ହେବା ଆରମ୍ଭ ହୋଇଯାଏ ଓ ତାହାକୁ ଶକ୍ତିଶାଳୀ କରିବା ପାଇଁ ଆହୁରି ଅଧିକ ପ୍ରୋଟିନ ଦରକାର ହୁଏ। ଅଧିକ ପ୍ରୋଟିନ ଖାଦ୍ୟରେ ଖାଇଲେ ତାହା ହଜମ ହେବାକୁ ଅଧିକ କ୍ୟାଲୋରୀ ଆବଶ୍ୟକ କରେ।

ତ୍ୱଚାରେ ଚମକ ଆଣେ

ତ୍ୱଚା ଓ କେଶରେ ଚମକ ଚାହୁଁଥିଲେ ପ୍ରୋଟିନ ଉପରେ ଗୁରୁତ୍ୱ ଦିଅନ୍ତୁ। ତ୍ୱଚାପାଇଁ କୋଲାଜେନ ପ୍ରୋଟିନ ଆବଶ୍ୟକ। ମୃତ କୋଷ ଜାଗାରେ ନୂତନ କୋଷ ତିଆରି କରିବାରେ, ତନ୍ତୁ ଗଠନ ଓ ରିପେୟାର କରିବାରେ ଏହାର ଆବଶ୍ୟକତା ଢ଼େର୍ ବେଶୀ। ପ୍ରୋଟିନ ଆମିନୋ ଏସିଡ ଓ ଗ୍ଲୁଟାଥାଇଓନର ଉତ୍ସ। ଗ୍ଲୁଟାଥାଇଓନ ଏକ ପ୍ରକାର ଆଣ୍ଟି ଅକ୍ସିଡାଣ୍ଟ ଓ ଏହା ବୟସ ବୃଦ୍ଧିର ପ୍ରଭାବକୁ ରୋକିଥାଏ। ବୟସ ବୃଦ୍ଧିହେବା ସମୟରେ ଏହା ମାଂସପେଶୀର କ୍ଷୟକୁ ରୋକି ତାହାକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରେ।

କେତେ ଖାଇବେ ?

ନର୍ମାଲ ବଡ଼ ୱେଟ ପାଇଁ ପ୍ରୋଟିନ୍ ୦.୮ଗ୍ରାମ୍/କେଜି ରହିବା ଦରକାର। ୭୫କେଜି ଓଜନର ବ୍ୟକ୍ତିଙ୍କ ଲାଗି ଦିନକୁ ୫୬ ଗ୍ରାମ୍, ୬୦ କେଜି ମହିଳାଙ୍କ ପାଇଁ ୪୮ ଗ୍ରାମର ପ୍ରୋଟିନ ଦରାକର। ଏକ ପ୍ରକାର ଉନ୍ନତ ଧରଣର ଖାଦ୍ୟରେ ୫୦ ପ୍ରତିଶତ କାର୍ବୋହାଇଡ୍ରେଟ, ୩୦-୩୫ ପ୍ରତିଶତ ପ୍ରୋଟିନ, ଫ୍ୟାଟ ୧୦ ପ୍ରତିଶତ ଓ ତନ୍ତୁ ୫ ପ୍ରତିଶତ ରହିବା ଉଚିତ। ଏହି ପରିମାଣଠୁ ବେଶୀ ହେଲେ ତାହା କ୍ଷତିକାରକ ବୋଲି ମନେ ରଖନ୍ତୁ। ବେଶୀ ପ୍ରୋଟିନ ଖାଦ୍ୟରେ ରହିଲେ ତାହା ଏସିଡିଟି ଓ ଡିହାଇଡ୍ରେସନର କାରଣ ପାଲଟେ। କିଡନୀ ସମସ୍ୟା, ବ୍ରଣ ଓ ଚୁଟି ଝଡ଼ିବା ସମସ୍ୟା ଦେଖାଦିଏ। ସବୁବେଳେ ଡିନର କି ଲଞ୍ଚରେ ବେଶୀ ପ୍ରୋଟିନଯୁକ୍ତ ଖାଦ୍ୟ ଗ୍ରହଣ କରିବା ଅନୁଚିତ। କେବଳ ଥରେ ଭଲ ପ୍ରୋଟିନଯୁକ୍ତ ଖାଦ୍ୟ ଖାଇବାରେ ଶରୀର ଏହାକୁ ଭଲ ଭାବେ ଉପଯୋଗ କରିପାରେ। ବେଳେବେଳେ ମାଂସ ସହ ଦହି ଖାଇବା ହୁଏତ ଭଲ ବୋଲି କେହି ଭାବୁଥାଇପାରନ୍ତି, କିନ୍ତୁ ଏହା ଏସିଡିଟି ସହ ଅସ୍ଥିସୁଶୀରତା ସୃଷ୍ଟି କରିଥାଏ। ଏହା ସହ ଆହୁରି ବହୁତ ରୋଗୁ ମଧ୍ୟ ଆମନ୍ତ୍ରଣ କରେ। କାର୍ବୋହାଇଡ୍ରେଟ ଓ ଫାଇବରଯୁକ୍ତ ଖାଦ୍ୟରେ ପ୍ରୋଟିନ ଖାଇଲେ ତାହା ସହଜରେ ହଜମ ହୋଇଯାଏ।

ଅନେକ ସମୟରେ ଆମେ ପ୍ରୋଟିନ ସପ୍ଲିମେଣ୍ଟ ନେଇଥାଉ ଓ ତାହା ନିଜ ଇଚ୍ଛାରେ ଗ୍ରହଣ କରୁ, ଯାହା ଠିକ୍ ନୁହେଁ। ସବୁବେଳେ ନ୍ୟୁଟ୍ରିସନିଷ୍ଟଙ୍କ ପରାମର୍ଶରେ ପ୍ରୋଟିନ ସପ୍ଲିମେଣ୍ଟ ନେବା ଆବଶ୍ୟକ। ସପ୍ଲିମେଣ୍ଟରେ ଶରୀରକୁ ବିକାଶ କରାଇବାରେ ଭୂମିକା ନେଉଥିବା ହର୍ମୋନ ଓ କୃତ୍ରିମ ସୁଇଟନର୍ ରହିଥାଏ ଯାହା କ୍ଷତି କରିପାରେ। ଏଣୁ ଜଣେ ନ୍ୟୁଟ୍ରିସନିଷ୍ଟ ହିଁ କହିପାରିବେ ଆପଣଙ୍କ ପାଇଁ କେତେ ସପ୍ଲିମେଣ୍ଟ ଦରକାର। ଏହା ସହ ବ୍ୟାୟାମ ବି କରିବା ଜରୁରୀ। ନଚେତ ପ୍ରୋଟିନ୍ ଫ୍ୟାଟରେ ପରିଣତ ହୋଇଯାଏ।

ପାନୀୟ

ଗ୍ରୀନ ମଟର ୪୦୦ ଗ୍ରାମ, ତରଭୁଜ ୨୦୦ ଗ୍ରାମ, ମହୁ ୩୦ ଗ୍ରାମ ଓ ବରଫ ଖଣ୍ଡ ୧୦୦ଗ୍ରାମ ନେଇ ସେଥିରେ ପୋଦିନା ପତ୍ର ପକାଇ ତାହାକୁ ଗ୍ରାଇଣ୍ଡ କରି ପିଅନ୍ତୁ।

ଟୋଫୁ (ସୋୟାବିନ୍‌ରୁ ପ୍ରସ୍ତୁତ) ୫୦୦ଗ୍ରାମ, ସୋୟାମିଲ୍କ ୫୦ମିଲି, ଜିରା ୫ ଗ୍ରାମ, ବରଫ ୧୦୦ଗ୍ରାମ ଓ ମହୁ ୬୦ ଗ୍ରାମକୁ ଗ୍ରାଇଣ୍ଡ କରି ସେଥିରେ, କାଲିଫର୍ଣ୍ଣିୟା ପ୍ରୁନେସ ଡାଇସ (ଏକ ପ୍ରକାର ପ୍ରୋଟିନ ପ୍ରଡକ୍ଟ) ମିଶାଇ ପିଅନ୍ତୁ।

ଖାଦ୍ୟ

ସକାଳେ ଜଳଖିଆରେ ଅଣ୍ଡା ଖାଆନ୍ତୁ ସିଝା, ଅଧା ଫ୍ରାଏ ବା ଓମ୍‌ଲେଟ କରି ଖାଇପାରିବେ। ଓମ୍‌ଲେଟ ଅଲିଭ ଅଏଲରେ ହେଲେ ଭଲ।

ଛେନା ଓଲହୁଣି ପ୍ରତିଦିନ ଖାଆନ୍ତୁ। ଏଥିରେ ପ୍ରଚୁର କ୍ୟାଲସିୟମ ରହିଛି। ଏହାକୁ ବ୍ରେଡ ସହ ଖାଇଲେ ଭଲ ଲାଗେ। ସ୍ନାକ୍ସରେ ବି ଖିଆଯାଇ ପାରିବ।

ମଟରରୁ ପ୍ରସ୍ତୁତ ଲହୁଣି ନିରାମିଷାଶୀଙ୍କ ପାଇଁ ଖୁବ୍ ଦରକାରୀ।

ବୁଟ ଛତୁଆରେ ପ୍ରଚୁର ପ୍ରୋଟିନ ଓ ଫାଇବର ରହିଛି। ଏଥିରେ ଆଲମଣ୍ଡ ମିଶାଇ ଖାଇଲେ ଆହୁରି ସ୍ୱାଦିଷ୍ଟ ହୋଇଯାଏ। ଗାଜର, କାକୁଡ଼ି, ଗୋଲମରିଚ, ଟମାଟୋ ଏବଂ କିଛି ଶସ୍ୟ ଜାତୀୟ ଖାଦ୍ୟ ମିଶାଇ ଖାଆନ୍ତୁ।

କୁକୁଡ଼ା ମାଂସ ଓ ମାଛକୁ ଗ୍ରୀଲ୍‌ଡ, ବେକ୍ ଓ ରୋଷ୍ଟ୍ କରି ଖାଆନ୍ତୁ। ଅଧିକ ଫ୍ରାଏ କଲେ ସେଥିରେ ଫ୍ୟାଟ୍ ଭାଗ ବୃଦ୍ଧିପାଏ ଓ କ୍ୟାଲୋରି କମିଯାଏ। ଗ୍ରୀଲ୍‌ଡ ଚିକେନ ଓ ମାଛ ଡିନର ପାଇଁ ସବୁଠୁ ସ୍ୱାସ୍ଥ୍ୟପ୍ରଦ।

ଯଲଗୁରେଶ ହନୁମାନ୍

କର୍ଣ୍ଣାଟକର ଐତିହାସିକ ନଗରୀ ବୀଜାପୁର ନିକଟସ୍ଥ ୟଲଗୁର 'ୟଲଗୁରେଶ ହନୁମାନ୍ ମନ୍ଦିର' ପାଇଁ ଭାରତ ପ୍ରସିଦ୍ଧ। କୃଷ୍ଣା ନଦୀ କୂଳରେ ୟଲଗୁର ଅବସ୍ଥିତ। କିମ୍ବଦନ୍ତି ଅନୁଯାୟୀ ଏଠାରେ ପ୍ରଭୁ ରାମଚନ୍ଦ୍ରଙ୍କ ପାଦ ପଡ଼ିଥିଲା। 'ୟଲଗୁରେଶ' ଅର୍ଥ 'ସାତ ଗାଁର ଭଗବାନ୍'। ଏହି ଅଞ୍ଚଳରେ ମୁସଲମାନ ଆକ୍ରମଣ ବେଳେ ୟଲଗୁରେଶ ପ୍ରତିମାଙ୍କୁ ଅନ୍ୟତ୍ର ନେଇ ଲୁଚାଯାଇଥିଲା। ଏହି ସମୟରେ ଅସାବଧାନତା ଯୋଗୁଁ ପ୍ରତିମା ଖଣ୍ଡ-ବିଖଣ୍ଡିତ ହୋଇଯାଇଥିଲା। ଏହା ମୁଖ୍ୟ ପୂଜକଙ୍କୁ ବ୍ୟଥିତ କରିଥିଲା। କିଛି କାଳ ପରେ ଖଣ୍ଡିତ ପ୍ରତିମାଙ୍କୁ ମୂଳ ମନ୍ଦିରକୁ ଫେରାଇଆଣି, ଗର୍ଭଗୃହରେ ରଖି, ଦ୍ୱାର ବନ୍ଦ କରି, ବାହାରେ ସାତ ଦିନ ପୂଜା-ପାଠ କରିବା ନିମନ୍ତେ ତାଙ୍କୁ ସ୍ୱପ୍ନାଦେଶ ହେଲା। ପୂଜକ ସ୍ୱପ୍ନାଦେଶ ପାଳନ କଲେ। ଛଅ ଦିନ ବିତିଗଲା। ସପ୍ତମ ଦିନ ପୂଜବ କୌତୂହଳୀ ହୋଇ ଦ୍ୱାର ଖୋଲିଦେଲେ। ସେତେବେଳେ କେବଳ ନିମ୍ନାଂଶ ଛଣ୍ଡ଼ି ଭଙ୍ଗା ପ୍ରତିମାର ଅବଶିଷ୍ଟ ଅଂଶ ଯୋଡ଼ି ହୋଇସାରିଥିଲା। ୟଲଗୁରେଶ ହନୁମାନଙ୍କ ଉଚ୍ଚତା ସାତ ଫୁଟ୍। ପ୍ରସ୍ତର ଓ ଧାତୁ ନିର୍ମିତ ପ୍ରତିମା ଅତି ସୁନ୍ଦର।

ଚା' କମ୍ପୋଷ୍ଟ

ଚା' କମ୍ପୋଷ୍ଟ ଫୁଲ, ପନିପରିବା ଏବଂ ଘରେ ଲଗାଯାଉଥିବା ଗଛ ପାଇଁ ଅତ୍ୟନ୍ତ ଉପଯୋଗୀ ତରଳ ସାର ଭାବେ ବିବେଚିତ ହେଉଛି। ଯେଉଁମାନେ ଉଚ୍ଚମାନର ପନିପରିବା, ଫୁଲ ଆଦି ଉତ୍ପାଦନ କରିବାକୁ ଚାହାନ୍ତି ସେମାନଙ୍କ ପାଇଁ ଚା' କମ୍ପୋଷ୍ଟ ସୁବର୍ଣ୍ଣ ସାର ଭାବେ ବିବେଚିତ ହେଉଛି। ଏହି ତରଳ ସାର ପ୍ରସ୍ତୁତ କରିବା ଅତି ସହଜ ଏବଂ ଏହା ପୋଷକ ତତ୍ତ୍ୱରେ ସମୃଦ୍ଧ, ସୁ ସମତୁଲ ଏବଂ ଏହା ପନିପରିବା, ଫୁଲ ଗଛ ପାଇଁ ଜୈବ ପରିପୋଷକ ଭାବେ ବ୍ୟବହାର କରାଯାଉଛି। ଏହାକୁ ବର୍ଷର ଯେକୌଣସି ସମୟରେ ବ୍ୟବହାର କରାଯାଇପାରିବ। କମ୍ପୋଷ୍ଟ ପ୍ରସ୍ତୁତ ହୋଇସାରିବା ପରେ ତାହାକୁ ସିଧାସଳଖ ବଗିଚାରେ ବ୍ୟବହାର କରାଯାଇପାରିବ କିମ୍ବା ତାହାକୁ ଚା'କମ୍ପୋଷ୍ଟରେ ପରିଣତ କରାଯାଇପାରିବ। ଏକ ପାଞ୍ଚ ଗ୍ୟାଲନ୍ ବିଶିଷ୍ଟ ବାଲ୍‌ଟିର ଏକ ତୃତୀୟାଂଶରେ କମ୍ପୋଷ୍ଟ ଭର୍ତ୍ତି କରନ୍ତୁ। ବାଲ୍‌ଟି ପ୍ରାୟତଃ ଭର୍ତ୍ତି ହେବା ପର୍ଯ୍ୟନ୍ତ ସେଥିରେ ପାଣି ଢ଼ାଳନ୍ତୁ। ଯେପରି ବାଲ୍‌ଟି ଉପର ଭାଗରୁ ଆଉ ଇଞ୍ଚେ କି ଦୁଇ ଇଞ୍ଚ ତଳକୁ ପାଣି ରହିବ। ତାହାକୁ ଭଲ ଭାବରେ ଗୋଳାନ୍ତୁ ଯେଭଳି ମିଶ୍ରଣଟି ବହଳିଆ ହୋଇଯିବ। ତିନି ଚାରିଦିନ ପରେ ଉକ୍ତ ମିଶ୍ରଣକୁ ଗୋଳାଇ ତାହାକୁ ଏକ କପଡ଼ାରେ ଛାଣି ଦିଅନ୍ତୁ। ଛଣାଯିବା ପରେ ଖଦଡ଼ା ଅଂଶକୁ କମ୍ପୋଷ୍ଟରେ ମିଶାଇ ଦିଅନ୍ତୁ ଅଥବା ତାହାକୁ ବଗିଚାରେ ଥିବା ଗଛ ମୂଳରେ ଦିଅନ୍ତୁ। ଉକ୍ତ ତରଳ ପଦାର୍ଥକୁ

ନେଇ ଏକ ଭାଗ ତରଳ ସହିତ ୧୦ ଭାଗ ପାଣି ମିଶାନ୍ତୁ। ଏବେ ତାହାକୁ ସିଧାସଳଖ ମୃତ୍ତିକାରେ ଦିଅନ୍ତୁ ଅଥବା ଗଛରେ ସିଞ୍ଚନ କରନ୍ତୁ। ତେବେ କମ୍ପୋଷ୍ଟକୁ ନେଇ କାର୍ଯ୍ୟ କରିବା ସମୟରେ ହାତରେ ଗ୍ଲୋଭ୍‌ସ ଏବଂ ଆଖିର ସୁରକ୍ଷା ପ୍ରତି ଦୃଷ୍ଟି ଦିଅନ୍ତୁ।

ହାତର ସୌନ୍ଦର୍ଯ୍ୟ ପାଇଁ...

ହାତକୁ ସର୍ବଦା ପରିଷ୍କାର ରଖନ୍ତୁ। ବାସନ ମାଜିବା, ଲୁଗା କାଚିବା ଭଳି କାମ ସରିବା ପରେ ଭେସ୍‌ଲିନ୍ ଲଗାନ୍ତୁ। ଏହାଦ୍ୱାରା ତ୍ୱଚା ନରମ ରହେ।

ପରିବା କାଟି ସାରିବା ପରେ ହାତ କଳା ପଡୁଥିଲେ, ଲେମ୍ବୁ ରସ ଘଷନ୍ତୁ।

ଦୁଇ ଚାମଚ ଅଲିଭ୍ ତେଲରେ ଦୁଇ ଚାମଚ ଲେମ୍ବୁ ରସ ମିଶାଇ ହାତରେ ନିୟମିତ ମାଲିସ କଲେ ହାତ ନରମ ରହେ।

ଦୁଇ ଚାମଚ କମଳା ରସରେ ଦୁଇ ଟୋପା ମହୁ ମିଶାଇ ହାତରେ ଲଗାନ୍ତୁ। କୋଡ଼ିଏ ମିନିଟ୍ ପରେ ଉଷୁମ ପାଣିରେ ଧୋଇଦିଅନ୍ତୁ।

ଲେମ୍ବୁ ରସ ଓ ଟମାଟୋ ରସ ହାତରେ ଲଗାଇ ଏକ ଘଣ୍ଟା ପରେ ଧୋଇଦିଅନ୍ତୁ। ଏହାଦ୍ୱାରା ହାତର ରୁକ୍ଷତା ଦୂର ହୁଏ।

ଉଷୁମ ପାଣିରେ ନଡ଼ିଆ ତେଲ ମିଶାଇ ହାତକୁ ବୁଡ଼ାଇ ରଖନ୍ତୁ। ଏହା ଦ୍ୱାରା ହାତ ସେତଜ ରହେ।

ସିଝା ଆଳୁର ଚୋପା ବାହାର କରି ଚକଟିଦିଅନ୍ତୁ। ଏହାକୁ ହାତରେ ଲଗାନ୍ତୁ।

କଳା ପଡ଼ିଥିବା କହୁଣିରେ ଲେମ୍ବୁ ଘଷନ୍ତୁ। କିଛି ସମୟ ପରେ ଗରମ ପାଣିରେ ତଉଲିଆ ବୁଡ଼ାଇ ସେହି ସ୍ଥାନକୁ ଘଷନ୍ତୁ।

ଭେସ୍‌ଲିନ୍ ଓ ଲେମ୍ବୁ ରସ ଫେଣ୍ଟି କହୁଣିରେ ଲଗାଇଲେ କଳା ରଙ୍ଗ ଦୂର ହୁଏ।

ହାତର ରୁକ୍ଷତା ଦୂର ପାଇଁ ଲେମ୍ବୁ ରସରେ ଏକ ଚାମଚ ଚିନି ପକାଇ ମାଲିସ କରନ୍ତୁ।

ସପ୍ତାହରେ ଦୁଇ ଥର ଖିର ସହ ଲେମ୍ବୁ ରସ, ଅଳ୍ପ ହଳଦୀ ଓ ବେସନ ମିଶାଇ ହାତରେ ଲଗାନ୍ତୁ। ହାତ ଓ ଉଜ୍ଜ୍ୱଳ ଓ କୋମଳ ରହିବ।

କର୍କଟରୋଧୀ ପେସ୍ତାବାଦାମ

ପେସ୍ତାବାଦାମ, ଉତ୍ତମ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଏହା ଏକ ଭଲ ଖାଦ୍ୟ। ୱାଶିଂଟନ୍‌ରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି, ନିୟମିତି ଭାବରେ ପେସ୍ତାବାଦାମ ଖାଇଲେ କର୍କଟ ରୋଗ ହେବାର ଆଶଙ୍କା କମ୍। ଗବେଷକଗଣ ୩୦,୭୦୮ଜଣ ବ୍ୟକ୍ତିଙ୍କୁ ନେଇ ପରୀକ୍ଷା କରିଥିଲେ। ନିୟମିତି ଭାବରେ ସେମନଙ୍କୁ ପେସ୍ତାବାଦାମ ଖାଇବାକୁ ପ୍ରସ୍ତାବ ଦିଆଗଲା। ସେମାନଙ୍କ ମଧ୍ୟରେ କିଛି କର୍କଟ ରୋଗାକ୍ରାନ୍ତ ମଧ୍ୟ ଥିଲେ। ମାସିକ ସ୍ତରରେ ଦୁର୍ବଳ ଥିବା ପିଲା ଓ ଯୁବଗୋଷ୍ଠୀ ଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହେଲା। ପେସ୍ତାବାଦାମ ଖୁବ୍ ଭଲଭାବେ କର୍କଟ ରୋଗ ପ୍ରତିରୋଧ କରୁଛି ବୋଲି ବିଶେଷଜ୍ଞଙ୍କ ମତ। ଆମେରିକାର ସମସ୍ତ କର୍ମସଂସ୍ଥାରେ ଏବେ କର୍ମଚାରୀ ପେସ୍ତାବାଦାମ ଖାଇବା ବାଧ୍ୟତାମୂଳକ କରାଯିବ ବୋଲି ଜଣାପଡ଼ିଛି।

ମହେନ୍ଦ୍ରଗିରି

ପୂର୍ବ ଘାଟ ପର୍ବତମାଳାର ମଧ୍ୟ ଭାଗର ନାଁ ମହେନ୍ଦ୍ରଗିରି। କିମ୍ବଦନ୍ତି ଅନୁଯାୟୀ ଲଙ୍କା ଯାତ୍ରା ବେଳେ ରାମଚନ୍ଦ୍ର ବାନରସେନା ସହ ମହେନ୍ଦ୍ରଗିରି ଶିଖରରୁ ବିଶାଳ ସମୁଦ୍ର ଦର୍ଶନ କରିଥିଲେ। ମହାବୀର ହନୁମାନ୍ ମହେନ୍ଦ୍ରଗିରି ଶିଖରରୁ ଲଙ୍କାକୁ ଲମ୍ଫ ଦେଇଥିଲେ। ତେଣୁ, ଏହାର ଶିଖର ଦେଶକୁ ପବିତ୍ର ଧର୍ମକ୍ଷେତ୍ର ରୂପେ ଗ୍ରହଣ କରାଯାଇଛି। ମହାଶୌର୍ଯ୍ୟବାନ୍ ପରଶୁମରାମ ଏଠାରେ ଆଶ୍ରମ ପ୍ରତିଷ୍ଠା କରିବାର ବର୍ଷ ତପସ୍ୟା କରିଥିଲେ। ତାଙ୍କ ସ୍ମୃତି ବହନ କରି ଏଠାରେ 'ପରଶୁରାମ କୁଣ୍ଡ' ବିଦ୍ୟମାନ। ବନବାସ କାଳରେ ପାଣ୍ଡବ ପଞ୍ଚାଭ୍ରାତା ଏହି ପର୍ବତରେ କିଛି ଦିନ ଆଶ୍ରୟ ନେଇଥିଲେ। ସେମାନଙ୍କ ସ୍ମୃତି ସ୍ୱରୂପ ମହେନ୍ଦ୍ରଗିରି ଶିଖରରେ ଭୀମ ମନ୍ଦିର, ନିମ୍ନରେ ଯୁଧିଷ୍ଠିର ଓ କୁନ୍ତୀ ମନ୍ଦିର ବିଦ୍ୟମାନ। ସମୁଦ୍ର ଓ ମହେନ୍ଦ୍ର ମଧ୍ୟରେ 'ଉଦ୍ୟାନ' ନାମକ ସ୍ଥାନରେ ପ୍ରାଚୀନ କଳିଙ୍ଗର ସାଧବମାନେ ବସବାସ କରୁଥିଲେ। ପ୍ରାଚୀନ ଗୋକର୍ଣ୍ଣେଶ୍ୱର ଶୈବ ମନ୍ଦିର ମହେନ୍ଦ୍ରଗିରିର ମୁଖ୍ୟ ଆକର୍ଷଣ। ଏହି ମନ୍ଦିର ନବମ କିମ୍ବା ଦଶମ ଶତାବ୍ଦୀରେ ନିର୍ମିତ ହୋଇଥିବା କାରୁକାର୍ଯ୍ୟରୁ ଅନୁମାନ। ମନ୍ଦିର ଗାତ୍ରରେ ଓଡ଼ିଶାର ଗଙ୍ଗବଂଶୀ ମହାରାଜା ଭାନୁଦେବଙ୍କ ସମୟର ଏକ ଶିଳାଲେଖ ଅଛି। ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ଅବସ୍ଥିତ ମହେନ୍ଦ୍ରଗିରିକୁ ଓଡ଼ିଶାର ପ୍ରକୃତି ଦେବୀଙ୍କ ମୁକୁଟ କୁହାଯାଏ।



ପାନୀୟଜଳ ସମସ୍ୟା ନେଇ ରାସ୍ତା ଅବରୋଧ କଲେ ୬୦ ପରିବାର: ପ୍ରତିଶ୍ରୁତି ପରେ ହଟିଲା ଧାରଣା

ନୀଳଗିରି, ୧୧/୨ (ନି.ପ୍ର): ଦୀର୍ଘ ଏକବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପ୍ରଶାସନ, ନେତା ଓ ଲୋକପ୍ରତିନିଧିଙ୍କୁ ଭେଟି ପିଇବାପାଣି ମୁଦ୍ଦାଏ ପାଇଁ ଗୁହାରୀ କରିଆସୁଥିଲେ ଅଞ୍ଚଳବାସୀ। ତେବେ କୌଣସି ସୁଫଳ ପାଇପରିନଥିବା ବେଳେ ଶେଷରେ ଗରା, ବାଲତି ଧରି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହୋଇଛନ୍ତି ନୀଳଗିରି ବ୍ଲକ୍ ମହିଷାପଟା ପଞ୍ଚାୟତ ପାଟଣା ଗ୍ରାମର ହରିଜନ ସାହିର ପ୍ରାୟ ୬୦ପରିବାରର ମହିଳା ଓ ପୁରୁଷ। ସୂଚନା ମୁତାବକ ଉକ୍ତ ଗ୍ରାମରେ ଚାରୋଟି ନଳକୂପ ସ୍ଥାପନ କରାଯାଇ ପାନୀୟଜଳ ଯୋଗାଇ ଦିଆଯାଉଥିବା ବେଳେ ଗତବର୍ଷ ଠାରୁ ୩ଟି ନଳକୂପ ଅକାମୀହୋଇ ବନ୍ଦ ପଡ଼ିଥିବାରୁ ଅଞ୍ଚଳବାସୀ ଚୁଆପାଣି ବ୍ୟବହାର କରିବାକୁ ବାଧ୍ୟ ହୋଇଆସୁଥିଲେ। ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀ ଓ ଲୋକପ୍ରତିନିଧିଙ୍କୁ ନେହୁରା ହୋଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନଥିଲା। ଚଳିତବର୍ଷ ମାଘ ମାସରୁ ମଧ୍ୟ ସମାନ ପରିସ୍ଥିତି ଉପୁଜିଥିବାରୁ ଗ୍ରାମବାସୀ ଉପାୟଶୂନ୍ୟ ହୋଇ ମିତ୍ରପୁର ଅଯୋଧ୍ୟା ରାସ୍ତାର ପାଟଣାଛକ ଠାରେ ପୂର୍ବାହ୍ନ ୮ଘଟିକା ଠାରୁ ଉଭୟ ମହିଳା ଓ ପୁରୁଷ ମାନେ ରାସ୍ତା ଅବରୋଧକରି ଧାରଣା ଦେଇଥିଲେ। ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଶହଶହ ଯାନବାହନ ଓ ସାଧରଣଜନତା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବରପାଇ ୧୩ନଂ ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିବା ସହିତ ଗ୍ରାମ୍ୟ ଜଳଯୋଗାଣ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ। ତେବେ ଅଧିକାରୀ ଖୁବଶୀଘ୍ର ନୂତନ ନଳକୂପ ଖନନ କରାଯାଇ ପାନୀୟ ଜଳର ବନ୍ଦବୋସ୍ତ କରାଯିବାର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

କୋରୁକୋଣ୍ଡାରେ ନିର୍ମାଣ ଚାଲିଥିବା ପୁନର୍ବାସ କେନ୍ଦ୍ର ୬ ବର୍ଷ ହେଲା ସରିବାର ନା ଧରୁନି

ମାଲକାନଗିରି, ୧୧/୨ (ନି.ପ୍ର): ତତ୍କାଳୀନ ରାଜ୍ୟ ସରକାର ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ନିରାଶ୍ରୟ ଦିବ୍ୟାଙ୍ଗ ଏବଂ ବୃଦ୍ଧବୃଦ୍ଧାଙ୍କୁ ଆଶ୍ରୟ ଯୋଗାଇ ଦେବାକୁ ଏକ ପୁନର୍ବାସ କେନ୍ଦ୍ର ନିର୍ମାଣ ପାଇଁ ଯୋଜନା କରିଥିଲେ। ଜିଲ୍ଲାର କୋରୁକୋଣ୍ଡାର ଇନ୍ଦିରା କଲୋନୀରେ ଏହି ପୁନର୍ବାସ କେନ୍ଦ୍ର ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ସ୍ଥାନ ନିରୂପଣ କରିଥିଲା। ତେବେ ଗତ ୬ ବର୍ଷ ହେଲା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କାମ ସରିବାର ନାମ ନେଉ ନାହିଁ। ଗତ ୨୦୧୮ ମସିହାରେ ଏହି ପୁନର୍ବାସ କେନ୍ଦ୍ର ପାଇଁ କୋରୁକୋଣ୍ଡାରେ ପ୍ରାୟ ୨୫ ଏକର ଜାଗା ଚିହ୍ନଟ କରାଯାଇଥିଲା। ଏଠାରେ ରହିଥିବା ଏକ କଲୋନୀର ପ୍ରାୟ ୧୩ ଜଣ ପରିବାରକୁ ଅନ୍ୟତ୍ର ଜାଗା ଦେବା ସହ ଗୃହ ନିର୍ମାଣ କରାଯାଇଥିଲା। କାର୍ଯ୍ୟ ବି ଜୋରସୋରରେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକୁ ଭୁବନେଶ୍ୱରର ବ୍ରିଜ ଏବଂ ରୁଫ କମ୍ପାନୀ ଲିମିଟେଡ ଠିକା ସଂସ୍ଥା ଟେଣ୍ଡର ପାଇବା ପରେ କାମ ଆରମ୍ଭ କରିଥିଲା। ସେ ଗତ ୨୦୧୮ରେ ଟେଣ୍ଡର ପାଇଥିଲେ ମଧ୍ୟ ୨୦୧୯ରେ କାମ ଆରମ୍ଭ କରିଥିଲା। ଏହି ପ୍ରକଳ୍ପରେ ଚାରୋଟି ବ୍ଲକ ହେବ ପ୍ରତ୍ୟେକ ବ୍ଲକରେ ତିନି ମହଲା ବିଶିଷ୍ଟ ହେବ। ଏଥିପାଇଁ ସେତେବେଳେ ୨୭ କୋଟି ୪୪ ଲକ୍ଷ ୨୭୦୦ ଟଂକା ବ୍ୟୟବରାଦ ହୋଇଥିଲା। ଏହି ପୁନର୍ବାସ କେନ୍ଦ୍ରରେ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଏବଂ ସ୍ୱାମୀ ପରିତ୍ୟକ୍ତା ମହିଳାମାନେ ଥଇଥାନ ହେବା ସହ ସେମାନଙ୍କ ପାଇଁ ଗୃହ, ଶୌଚାଳୟ, ରୋଷେଇ ଗୃହ, ଚିକିତ୍ସା ଗୃହ ଇତ୍ୟାଦି ନିର୍ମାଣ କରାଯାଉଛି। ଚାରୋଟି ବ୍ଲକ ମଧ୍ୟରୁ ଗୋଟିଏ ବ୍ଲକର କାମ ଆଜି ପର୍ଯ୍ୟନ୍ତ ସରିନାହିଁ। ଏବେ ବି କିଛି ବ୍ଲକରେ ଛାତ ପଡିନଥିବା ବେଳେ ଇଟା ଯୋଡେଇ ହୋଇନାହିଁ। ତେବେ ରାଜ୍ୟ ସରକାର ବଦଳି ଥିବା ବେଳେ ଜିଲ୍ଲା ପ୍ରଶାସନ ମଧ୍ୟ ଏନେଇ କୌଣସି ପଦକ୍ଷେପ ନେଉନଥିବା ଜଣାପଡିଛି। ପରବର୍ତୀ ସମୟରେ ଏହା ୩୫ କୋଟି ୬୯ ଲକ୍ଷ ଟଙ୍କାରେ ପହଂଚିଲାଣି। କିନ୍ତୁ, କାମ ସମାପ୍ତ ହେଉନାହିଁ। ବ୍ରିଜ ଏଣ୍ଡ ରୁଫ କମ୍ପାନୀ ଜିଲ୍ଲାର କିଛି ଠିକାଦାରଙ୍କୁ ଏହି କାମ ଦେଇଥିବା ବେଳେ ସେମାନେ ମଧ୍ୟ କାମ କରି ଏବେ ଠକାମୀରେ ପଡିଥିବା ଜଣାପଡିଛି। ସ୍ଥାନୀୟ ଠିକାଦାରମାନେ ଟଙ୍କା ପାଇ ନଥିବା ଅଭିଯୋଗ ହୋଇଛି। ତେବେ କେବେ ଏହି ପୁନର୍ବାସ କେନ୍ଦ୍ରର କାମ ସରିବ ଏବଂ ଜିଲ୍ଲାର ଅସହାୟ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଏବଂ ଅସହାୟ ମହିଳାମାନେ ଥଇଥାନ ହେବେ ତାକୁ ନେଇ ଜିଲ୍ଲାରେ ବେଶ ଚର୍ଚ୍ଚା ହେଉଛି। ବର୍ତମାନର ସରକାର ଏହାକୁ ଗୁରୁତ୍ୱର ସହ ନେଲେ ହୁଏତ ଆଗାମୀ କିଛି ଦିନ ମଧ୍ୟରେ ଏହି ପୁନର୍ବାସ କେନ୍ଦ୍ରର କାମ ଦ୍ରୁତ ଗତିରେ ଆରମ୍ଭ ହୋଇ ସମାପ୍ତ ହେବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ବଜ୍ରବୁଢୀ ବାଳିକା ବିଦ୍ୟାଳୟର 'ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୧୧/୨ (ନି.ପ୍ର):ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେରଗାଁ ପଞ୍ଚାୟତ ବଜ୍ରବୁଢୀ ବାଳିକା ବିଦ୍ୟାଳୟର 'ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ମହାପାତ୍ର ଓ ପ୍ରିୟଦର୍ଶିନୀ ଦାସଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ଓ ଗଣିତ କ୍ଲବର ଛାତ୍ରୀମାନେ ବିଭିନ୍ନ ପ୍ରକାର ଗଣିତ ଓ ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କ୍ଷୀରୋଦ ପ୍ରସାଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୋପୀନାଥପୁର ଶାସନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମତୀ କବିତା ମହାନ୍ତି ମୁଖ୍ୟ ଅତିଥି, ଶ୍ରୀ ଅଲେଖ ଚନ୍ଦ୍ର ମହାନ୍ତି ଓ ଶ୍ରୀ ସମ୍ରାଟ ବିପିନ୍ ବିହାରୀ ଦାଶ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନ ଓ ଗଣିତର ଭୂମିକା ବିଷୟରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ।

ଫାଇଲେରିଆ ନିରାକରଣ ଅଭିଯାନର ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଶୁଭାରମ୍ଭ

ବଲାଙ୍ଗିର, ୧୧/୨ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ୧୧ ଗୋଟି ବ୍ଲକ ଓ ୫ ଗୋଟି ସହରାଚଂଳରେ ଫେବୃଆରୀ ୧୦ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଆଜି ପୂର୍ବାହ୍ନରେ ପୃଥୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇସାଲଓ୍ୱାର ନିଜେ ଡିଇସି ବଟିକା ଓ କୃମିନାଶକ ବଟିକା ଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ରମେଶ ଚନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ଼ କୁବେର ଚନ୍ଦ୍ର ମହନ୍ତ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ଼ ସୁଦ୍ଧା ବାର୍ଲା, ଟାଟା ପାୱାର ସିଏସଆର ମୁଖ୍ୟ ଅରୁଣା ମରାଣ୍ଡି , ପୃଥୀରାଜ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସନ୍ତୋଷିନୀ ପାତ୍ର, ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ସୁରେଶ ସ୍ୱାଇଁ ଙ୍କ ସମେତ ଜିଲ୍ଲା କାର୍ଯ୍ୟଳୟ ର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଆଜି ଜିଲ୍ଲା କାର୍ଯ୍ୟଳୟର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ମାନେ ଡିଇସି ବଟିକା ଓ କୃମିନାଶକ ବଟିକା ଖାଇଛନ୍ତି । ଜିଲ୍ଲାର ୧୩ ଲକ୍ଷ ୪୯ ହଜାର ୪୧ଜଣ ଜନସଂଖ୍ୟାକୁ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ଡିଇସି ବଟିକା ଓ କୃମିନାଶକ ବଟିକା ଖୁଆଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀ ମାନେ ଘରକୁ ଘର ଯାଇ ପରିବାରର ସଦସ୍ୟ ସଦସ୍ୟା ମାନଙ୍କୁ ବୟସ ଅନୁସାରେ ଏହି ବଟିକା ଖୁଆଇବେ । ଜିଲ୍ଲାପାଳ ଏହାକୁ ଏକ ଟିମ ଭାବେ କାମ କରିବା ସହ ଅଭିଯାନକୁ ସଫଳ କରାଇବାକୁ କହିଥିଲେ । ତେଣୁ ଜନସାଧାରଣ ଏହି ଅଭିଯାନରେ ସହଯୋଗ କରିବା ସହ ଏହି ବଟିକା ନିଶ୍ଚୟ ଖାଇବାକୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି ।

ଗୋଦର ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୧୧/୨ (ନି.ପ୍ର): ବ୍ରହ୍ମପୁର, ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଫାଇଲେରିଆ ବା ଶ୍ଳୀପଦ ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ କହିଲେ, ସନ୍ତସନ୍ତିଆ ଜାଗାରେ ଫାଇଲେରିଆ କୃମି ଯୁକ୍ତ ଆନୋଫିଲିସ ମଶା ବଢ଼ନ୍ତି, ଏମାନେ କାମୁଡ଼ିଲେ କୀଟ, ଲସିକା ସଂବହନରେ ଯାଇ ଲସିକାଗ୍ରନ୍ଥି ସବୁକୁ ବଢାଇ କମ୍ପନ ଯୁକ୍ତ ଜ୍ୱର, ମୁଣ୍ଡବ୍ୟଥା, ଗୋଡ, କୋଷ, ହାତ, ନାକ, କାନ ବା ଓଠ ଫୁଲି ଯାଏ। ଲସିକା ଆସୁଥିବାରୁ କ୍ଷୀର ରଙ୍ଗର ପରିସ୍ରା ହୁଏ। ଅର୍ଦ୍ଧ ରାତ୍ରିରେ ରକ୍ତ ପରୀକ୍ଷା କରି ବା ନାଡୀ ଦେଖି ରୋଗ ନିର୍ଣ୍ଣୟ ହୁଏ। ଖଟା, ଥଣ୍ଡା ଖାଇଲେ ଶୀଘ୍ର ରୋଗ ବଢେ । ମଶା ବଂଶ ନାଶ କରି, ଦୂରେଇ ରହିଲେ ରୋଗ ହୁଏ ନାହିଁ। ହଳଦୀ ଚୂର୍ଣ୍ଣ ଗୁଡ଼ ସହ ବା ଗିଲ ପତ୍ର ବା ଗୁଳୁଚି ପତ୍ର ରସ ସହ ସୋରିଷ ତେଲ ପିଇଲେ ଭଲ ହୋଇଯାଏ। ଫୁଲା, ବ୍ୟଥା ସ୍ଥାନରେ ଦୁଦୁରା ପତ୍ର ବାଟି ଗରମ କରି ଲଗାଇଲେ ଭଲ ହୋଇଯାଏ। ଫୁଲା ସ୍ଥାନରେ ଶୁଦ୍ଧ ଜୋକ ଲଗାଇଲେ ଅଶୁଦ୍ଧ ରକ୍ତ ବାହାରିଯାଇ ଫୁଲା ଶୀଘ୍ର କମିଯାଏ। ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ, ସ୍ତ୍ରୀ ରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ। ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୁଏ ।

ଫ୍ରେଣ୍ଡସ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ : କଦଳିପାଲି ବରଗଡ଼ ବିଜୟୀ

ବଲାଙ୍ଗିର, ୧୧/୨ (ନି.ପ୍ର): ବଲାଙ୍ଗିର ସୁପରିଚିତ ଅନୁଷ୍ଠାନ ଫ୍ରେଣ୍ଡସ କ୍ଲବ ପକ୍ଷରୁ ଦ୍ୱିତୀୟ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ନାମେଂଟ ସହର ସ୍ଥିତ ପୃଥ୍ୱୀରାଜ ହାଇସ୍କୁଲ ଖେଳ ଉଦଘାଟିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଲୋଟସ ଷଡଙ୍ଗୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବରେ ବଲାଙ୍ଗିର ପୌରପରିଷଦରେ ଅଧକ୍ଷା ଲିକା ସାହୁ, ସମ୍ମାନିତ ଅତିଥିଭାବରେ ଉପଜିଲ୍ଲାପାଳ ଆଲୋକ ପଟେଲ ଉପସ୍ଥିତ ରହି ଆଜିର ଦ୍ୱିତୀୟ ରାଜ୍ୟ ସ୍ତରୀୟ ମ୍ୟାଚକୁ ଉଦଘାଟନ କରିଥିଲେ । ଅତିଥିମାନଙ୍କୁ ଅନୁଷ୍ଠାନରେ ସମ୍ପାଦକ ଜଗନ୍ନାଥ ମିଶ୍ର ଓ କୋଷାଧକ୍ଷ ରଞ୍ଜିତ ବେହେରା ଉପଢୌକଣ ଦେଇ ସମ୍ମାନିତ କରିଥିଲେ । ଅନୁଷ୍ଠାନର କୋଡିନେଟର ମନୋଜ କୁମାର ମିଶ୍ର ଓ ମଧୁ ବନଛୋର ଟିମ ମାନଙ୍କୁ କୋଡିନେଟ କରିଥିଲେ । ଆଜିର ପ୍ରଥମ ଦିନରରେ ପ୍ରସିଦ୍ଧ ଫୁଟବଲ ଖେଳାଳି ଡା. ସିଦ୍ଧେଶ୍ୱର ମିଶ୍ର ଓ ଜାତୀୟ ବ୍ୟାଟମିଟନ ଦିବ୍ୟମ କେଜ୍ରିୱାଲଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା । ମ୍ୟାଚ କମିଶନର ଭାବରେ ଶରତ କୁମାର ନନ୍ଦ ଦାୟିତ୍ୱ ତୁଲାଇଥିବା ବେଳେ ସଂଜୀବ ମହାରଣା, ସୁଦର୍ଶନ ସେଠ୍, ରାଜେନ୍ଦ୍ର ଧରୁଆ, ଦେବାଶିଷ ବାଗ ଓ ନର୍ସିଙ୍ଗ ସ୍ୱାମୀ ନାଇଡୁ ଖେଳକୁ ପରିଚଳନା କରିଥିଲେ । ପ୍ରଥମାର୍ଦ୍ଧ ଖେଳରେ କଦଳୀପାଲି ବରଗଡ଼ ଗୋଟେ ଗୋଲରେ ଆଗରେ ରହିଥିଲା । ଦ୍ୱିୟାର୍ଦ୍ଧରେ ଖେଳରେ କଦଳୀପାଲି ଦଳ ପୁନଃଚ ଏକ ଗୋଲ ଦେଇ ଦଳକୁ ଦୁଇ ଶୂନରେ ଅଗ୍ରଣୀ କରାଇଥିଲେ। ଶେଷରେ କଦଳିପାଲି ଦଳ ଦୁଇ ଶୂନ ଗୋଲରେ ବିଜୟ ହାସଲ କରିଥିଲା । ଆଜିକାର ଜଣେ ଭାଗ୍ୟ ସାଳି ଦର୍ଶକ ବବି ଚନ୍ଦନ ଲଟେରୀ କୂପନ ଦ୍ୱାରା ଏକ ହାତ ଘଂଟା ପୁରସ୍କାର ପାଇଥିଲେ । ପବିତ୍ର ଖୁଂଟିଆ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର ପାତ୍ର, ଟିକୁ ପରିଛା, ଆକାଶ ମିଶ୍ର, ମନୋଜ ଦୀପ, ପ୍ରଦୀପ ସିଂହ, କିଶୋର ଦଣ୍ଡସେନା, ଲକ୍ଷ୍ମୀ ନାରାୟଣ ସ୍ୱାଇଁ, ସମୁନାଥ ମିଶ୍ର, ଗୋବିନ୍ଦ ଶତପଥୀ, କମ୍ବୁ ତ୍ରିପାଠୀ, ସୋନୁ ପଟ୍ଟନାୟକ, ମୁନା ପାଳ, ନିତ୍ୟା ପଧାନ, ରାମ ମିଶ୍ର, ଇନ୍ଦ୍ର ନନ୍ଦ, ପୃଥ୍ୱୀରାଜ ବରାଡ଼, ନିଶାର କାନ୍ତ ନାଗ, ରାଜୁ ସାହୁ, କିଶୋର କୁଏଡ଼,ସନତ ତ୍ରିପାଠୀ, ମଂଟୁ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା କାଲି ମଙ୍ଗଳବାର ସ୍କୋର୍ଟ ହଷ୍ଟେଲ ମୟୁରଭଞ୍ଜ ବନାମ ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ଼ ମଧ୍ୟରେ ଖେଳ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

ବୀରମହାରାଜପୁରଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର: ବିଭିନ୍ନ ୫୯ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ୧୧/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୫୯ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୪୮ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୧ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଶିବିର ଅବସରରେ ଜିଲ୍ଲାପାଳ ଶ୍ରୀମତୀ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ପ୍ରଦତ ବିବାହ ପ୍ରୋତ୍ସାହନ ସହାୟତା ଅର୍ଥରାଶି ପ୍ରତ୍ୟେକଦମ୍ପତିଙ୍କୁ ୨ଲକ୍ଷ ୫୦ ହଜାର ଟଙ୍କାର ଡେମୋ ଚେକ୍ ବୀରମହାରାଜପୁର ବ୍ଲକ ସଂଗ୍ରାମପୁରର ସୋମନାଥ ପ୍ରଧାନ ଓ ଆନନ୍ଦିନୀ ପ୍ରଧାନ, ଦୁହୁଲପାଲି ନିବାସୀ ବୀରେନ୍ଦ୍ର ପ୍ରଧାନ ଓ ଦୁବ ସାହୁ, ଚମ୍ପାମାଲ ଗ୍ରାମର ଆନନ୍ଦିନୀ ବାଘ ଓ ମନୋଜ କୁମାର ବୁଢ଼େକ, ଏବଂ ସୁଜାତା ପଧାନ ଓ ଦିବ୍ୟନ ସାହୁ ପ୍ରଭୁତି ଚାରି ଗୋଟି ଦିବ୍ୟାଙ୍ଗ ଦମ୍ପତିଙ୍କୁ ଡେମୋଚେକ୍ ପ୍ରଦାନ କରିଥିଲେ। ଏହି ପ୍ରୋତ୍ସାହନ ଅର୍ଥରାଶି ହିତାଧିକାରୀଙ୍କ ସମ୍ପୃକ୍ତ ବ୍ୟାଙ୍କ ସଂଚୟ ଖାତାକୁ ଅନଲାଇନ ପେମେଂଟ କରିଆରେ ପ୍ରଦାନ କରାଯାଇଛି।

ଆନ୍ତଃ ବିଭାଗୀୟ କ୍ରିକେଟ ପ୍ରତିଯୋଗିତା ଉଦ୍ଘାଟିତ

ଯୋଡ଼ା, ୧୧/୨ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅଧିନସ୍ଥ ଓଡିଶା ଖଣି ସମୂହର ବଲାଣି ଲୌହ ଖଣିର କର୍ମଚାରୀଙ୍କ ମନୋରଞ୍ଜନ ନିମନ୍ତେ ଖଣିର କ୍ରୀଡା ଓ ସଂସ୍କୃତି କମିଟି ପକ୍ଷରୁ ଆନ୍ତଃ ବିଭାଗୀୟ କ୍ରିକେଟ ପ୍ରତିଯୋଗିତା ସ୍ଥାନୀୟ ଫୁଟବଲ ପଡ଼ିଆ ଠାରେ ସୋମବାର ଉଦଘାଟିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବଲାଣି ଖଣିର ମାଇନ୍ସ ରେଡ଼, ମାଇନ୍ସ ବ୍ଲୁ, ଜେନେରାଲ-ଏ, ଲୋଡିଙ୍ଗ ପ୍ଲାଂଟ, ଇଲେକ୍ଟ୍ରିକାଲ,ମେକାନିକାଲ, ଜେନେରାଲ-ବି, ଓପିପି ଆଦି ବିଭାଗର ୮ ଟି ଦଳ ଭାଗ ନେଇଛନ୍ତି । ଉଦଘାଟନୀ ଉତ୍ସବରେ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋ ପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ମହାପ୍ରବନ୍ଧକ (କଂଟ୍ରାକ୍ଟ ସେଲ୍) ଗୁରୁଚରଣ ହେମ୍ବ୍ରମ, ମହାପ୍ରବନ୍ଧକ(ବିଦ୍ୟୁତ) ଏସ୍ ୟୁ ଲସ୍କର, ମହାପ୍ରବନ୍ଧ(ପ୍ଲାଂଟ) ବୁଦ୍ଧଦେବ ନାଏକ, ମହାପ୍ରବନ୍ଧକ(ପ୍ରୋଜେକ୍ଟ) ରାହୁରାଜ ମଣ୍ଡଳ, ଡିଜିଏମ ଟି. ଏସ୍ .ମଣ୍ଡଳ, ଡିଜିଏମ ସଞ୍ଜୟ ଦ

ଜନଜାଗୃତି ମଂଚର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ଚୟନ ପର୍ବ

ରାଇମଣି ବାସ୍କେ ସଭାପତି ଓ ସୁକାନ୍ତି ମଢ଼େଇ ସଂପାଦିକା ମନୋନିତ

ଉଦଳା , ୧୧/୨ (ନି.ପ୍ର): ମୟୂରଭଂଜ ଜିଲ୍ଲାର ୧୩ ଗୋଟି ବ୍ଲକ ଅଂଚଳରେ ନିଜର କାମ ଜାରି ରଖିଥିବା ଲୋକ ସଂଗଠନ 'ଜନଜାଗୃତି ମଂଚ'ର ଜିଲ୍ଲା ସ୍ତରୀୟ କର୍ମକର୍ତା ଚୟନ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏଥିପାଇଁ ଚଳିତ ଫେବୃଆରି ୧୦ ତାରିଖ ସୋମବାରଦିନ ଉଦଳା ସହର ମଧ୍ୟରେ ଥିବା ମଂଚର କାର୍ଯ୍ୟାଳୟ ପରିସରରେ ପୁର୍ବନିର୍ଦ୍ଧାରିତ ଘୋଷଣା ଅନୁଯାୟୀ ପ୍ରତି ବ୍ଲକରୁ ୨ଜଣ ହିସାବରେ ମୋଟ ୨୬ ଜଣ ସଦସ୍ୟ ଉପସ୍ଥିତଥିଲେ । ପ୍ରାରମ୍ଭରେ ମୋନାଲି ମୁର୍ମୁ ପରିଚୟ ପ୍ରଦାନ, ସ୍ୱାଗତ ଭାଷଣ ସହିତ ଦିବସ ବ୍ୟାପି ହେବାକୁ ଥିବା କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ମଂଚର ଟିମ ଲିଡ଼ର ଗଦାଧର ଦାଶଙ୍କ ଅଧ୍ୟକ୍ଷତାରେ ବୈଠକ ଆରମ୍ଭ ହୋଇଥିଲା । ଗତ ୨୦୧୬ ମସିହାରୁ 'ଜନଜାଗୃତି ମଂଚ' ମୟୂରଭଂଜ ଜିଲ୍ଲାରେ କିପରି ତାର କାମ ଆରମ୍ଭ କରିଥିଲା ଏବଂ ଇତି ମଧ୍ୟରେ ଦିର୍ଘ ୯ ବର୍ଷ ସମୟ କିପରି ଅତିବାହିତ ହୋଇଛି ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଗୋଟିଏ ଅନୁକୂଳ ପରିବେଶ ନିର୍ମାଣ କରିବା, ଯେଉଁଥିରେ ଅସ୍ପୃଶ୍ୟତା, ନାରୀ ପୁରୁଷ ଭେଦଭାବ ନଥାଇ ଏକ ବନ୍ଧୁତ୍ୱପୂର୍ଣ୍ଣ ଅନୁକୂଳ ପରିବେଶ, ଉଚ୍ଚନୀଚ ଭେଦଭାବ ବିହିନ ଏକ ଦିର୍ଘସ୍ଥାୟୀ ଓ ସମୃଦ୍ଧ ଜୀବନ ଯାପନ ସାମାଜିକ ସୁରକ୍ଷିତ ଓ ସୁସ୍ଥ ସମାଜ ଗଠନର ସୁଯୋଗ ସୃଷ୍ଟି କରିବା ମଂଚର ମୁଖ୍ୟ ଉଦେଶ୍ୟ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ହରିପ୍ରିୟା ଦାସ, ଅଭିଲିପ୍ସା ପୃଷ୍ଟି ଓ ସୁବ୍ରତ କୁମାର ମହାନ୍ତି ନିଜ ନିଜର ଅନୁଭବ ବର୍ଣ୍ଣନା କରିଥିଲେ । ପରେ ଜିଲ୍ଲାସ୍ତରୀୟ କର୍ମକର୍ତା ଚୟନ ପର୍ବ ଆରମ୍ଭ ହୋଇଥିଲା । ଏଥିରେ ରାଇମଣି ବାସ୍କେ ସଭାପତି, ସୁକାନ୍ତି ମଢ଼େଇ ସଂପାଦିକା, ସଂଜୁଲତା ବେହେରା କୋଷାଧ୍ୟକ୍ଷ ଓ ଖୁଲଣା କୁଅଁର ଉପଦେଷ୍ଟା ଭାବରେ ସର୍ବସମ୍ମତି କ୍ରମେ ମନୋନିତ ହେଲେ । ଆଗାମି ଦୁଇ ବର୍ଷ ପର୍ଯ୍ୟନ୍ତ ଏହିକର୍ମକର୍ତା ମାନେ ନିଜର ଦାୟିତ୍ୱ ତୁଲାଇବେ ବୋଲି ଜଣାଯାଇଛି । ପୁଷ୍ପଗୁଚ୍ଛ ଅର୍ପଣ ପୁର୍ବକ ଉକ୍ତ କର୍ମକର୍ତା ମାନଙ୍କୁ ମଂଚ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଆରତି ଖଣ୍ଡାପାତ୍ର ଧନ୍ୟବାଦ ଅର୍ପଣ ପୁର୍ବକ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

ମନ୍ଦାରିରେ ଚନ୍ଦନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାସୁଦେବପୁର, ୧୧/୨ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ମନ୍ଦାରି ମଣ୍ଡଳ ପୋଖରୀ ନିକଟସ୍ଥ ଖେଳ ପଡିଆ ଠାରେ ମନ୍ଦାରି ସକ୍ ସେସ କ୍ଲବ୍ ପକ୍ଷରୁ ମନ୍ଦାରି ପ୍ରିମିଅର ଲିଗ୍ ର ଚନ୍ଦନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇ ଯାଇଛି । ଓ୍ୱେଷ୍ଟ ବେଙ୍ଗଲ ଓ କେନ୍ଦୁଝର ମଧ୍ୟରେ ତିନିଟି ସେଟ୍ ଖେଳ ହୋଇ ଥିଲା । ଏହି ଫାଇନାଲ ମ୍ୟାଚ୍ ରେ ଓ୍ୱେଷ୍ଟ ବେଙ୍ଗଲ ଦୁଇଟି ସେଟ୍ ଜିତି ଚାମ୍ପିଅନ ହୋଇଛି । ପ୍ରଥମ ଦିନରେ ଉଦଘାଟନ ମ୍ୟାଚରେ ଅତିଥି ଭାବେ ଯୋଗ ଦେଇଥିଲେ ବିଜେପିର ଯୁବ ନେତା ଉଦୟ ନାରାୟଣ ମଲ୍ଲିକ । ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ । ଉଭୟ ଦଳର ଖେଳାଳିଙ୍କୁ ମୁଖ୍ୟ ଅତିଥି ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ଟ୍ରଫି ଓ ଆର୍ଥିକ ରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ । ବିଜୟୀ ଦଳ କୁ ତିରିଶ ହଜାର ଓ ରନର୍ସ ଅପ୍ ଦଳ କୁ କୋଡ଼ିଏ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ ସୂର୍ଯ୍ୟକାନ୍ତ ଓ ସିରିଜ୍ ହୋଇଥିଲେ ମାଣିକ ଚାନ୍ଦ । ଏହି ଆକର୍ଷଣୀୟ ଖେଳ ଉତ୍ସବରେ ଖେଳ ଅନୁଷ୍ଠାନର ସଭାପତି ମୁକେଶ କୁମାର ମଲ୍ଲିକ, ସମ୍ପାଦକ କୈଳାସ ଚନ୍ଦ୍ର ମହାରଣା ଯୋଗ ଦେଇଥିଲେ ଓ ସମସ୍ତ ଅତିଥି ଓ ଖେଳାଳି ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ସହଯୋଗୀ ସଦସ୍ୟ ଜୀବନ କୁମାର ମଲ୍ଲିକ, ବନ୍ଧନ କୁମାର ସାହୁ ଓ ଅନ୍ୟାନ୍ୟ ସଦସ୍ୟ ଏଥିରେ ସହଯୋଗ କରିଥିଲେ । ବହୁ ସଂଖ୍ୟାରେ ଖେଳ ପ୍ରେମୀ ଦର୍ଶକ ବନ୍ଧୁ ଯୋଗ ଦେଇଥିଲେ ।

ସହିଦ କାଳିଆ ମହାନ୍ତ ଯୁବକ ସଂଘର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବେତନଟୀ, ୧୧/୨ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ରେଣୁଗାଁ ଠାରେ ସହିଦ କାଳିଆ ମହାନ୍ତ ଯୁବକ ସଂଘର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବ ପ୍ରାରମ୍ଭରେ ସହିଦ କାଳିଆ ମହାନ୍ତଙ୍କୁ ଯୁବକ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯିବା ସହିତ ସ୍ମୃତିଚାରଣ କରାଯାଇଥିଲା । ଯୁବକ ସଂଘର ସଦସ୍ୟ ଗତିକୃଷ୍ଣ ମହାନ୍ତଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ସଂଘର ସଭାପତି ଧର୍ମେନ୍ଦ୍ର ମହାନ୍ତ, ସମ୍ପାଦକ ତ୍ରିନାଥ ମହାନ୍ତ, କୋଷାଧ୍ୟକ୍ଷ ସଞ୍ଜିତ ମହାନ୍ତ, ୧୨ ନମ୍ବର ୱାର୍ଡର ୱାର୍ଡ ମେମ୍ବର ପ୍ରଫୁଲ୍ଲ ମହାନ୍ତ, ସଂଘର ସଦସ୍ୟ କିଶୋର ବିନ୍ଧାଣି, ତପନ କୁମାର ମହାନ୍ତ, ଚନ୍ଦନ କୁମାର ମହାନ୍ତ, ଅନିଲ ମହାନ୍ତ, ପ୍ରସନ୍ନ କୁମାର ମହାନ୍ତ, ହିମାଂଶୁ ମହାନ୍ତ ଓ ଜୟକୃଷ୍ଣ ମହାନ୍ତ ପ୍ରମୁଖ ମଞ୍ଚାସୀନ ହୋଇ ସହିଦ କାଳିଆ ମହାନ୍ତ ଯୁବକ ସଂଘ ଗଠନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସଂଘ ଆଗାମୀ ଦିନରେ ବିଭିନ୍ନ ପ୍ରକାର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ମଧ୍ୟାହ୍ନରେ ଅନ୍ନସେବନ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯୁବକ ସଂଘର ସଦସ୍ୟ ଧରଣୀଧର ମହାନ୍ତ, ବିଶ୍ୱରଞ୍ଜନ ମହାନ୍ତ, ଇଲୁ ମହାନ୍ତ ଓ ଅନ୍ୟାନ୍ୟ ସଦସ୍ୟ ମାନେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ରାସ୍ତାରେ ମୋବିଲ ପଡିବାରୁ ସିରିଜ୍ ଦୁର୍ଘଟଣା: ମହିଳା ଗୁରୁତର

କୋରେଇ, ୧୧/୨ (ନି.ପ୍ର): ରାସ୍ତାରେ କୌଣସି ଏକ ଗାଡିରୁ ମୋବିଲ ପଡିବାରୁ ସିରିଜ ଦୁର୍ଘଟଣା ଘଟିଛି । ପାଣିକୋଇଲି ଥାନା ଅର୍ନ୍ତଗତ ୧୬ ନମ୍ବର ଜାତୀୟ ରାଜପଥରୁ ଦଳା ଭାୟା ଶଙ୍ଖଚିଲା ରାସ୍ତାରେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି । ଆଜି କୌଣସି ଏକ ଗାଡିରୁ ମୋବିଲ ଲିକ ହୋଇ ରାସ୍ତାରେ ପଡିଥିଲା । ଫଳରେ ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ ଦୁର୍ଘଟଣାର ଶିକାର ହୋଇଥିଲେ । ଦୁଇଟି ଛୋଟ ଦୁର୍ଘଟଣା ପରେ ଯାଜପୁରରୋଡ ଧବଳଗିରି ଅଂଚଳର ହରପ୍ରିୟା ପରିଛା ତାଙ୍କ ମାଆ କନକଲତା ପରିଛାଙ୍କୁ ନେଇ କତାରାପୁରସ୍ଥିତ କାଳୀ ମନ୍ଦିରକୁ ଯାଇଥିଲେ ।

AFFIDAVIT

An affidavit before the Executive Magistrate Balasore, I, Sri Baghray Saren, aged about 45 years son of Lambudhar Saren resident of At-Madhupur, Po- Patpur, Ps- Udala, Dist-Mayurbhanj, Odisha-757041 declare that, I have a LIC Policy Bond, bearing policy No. 589930446 wherein my name and my father's name has been mentioned as Bidya Sagar Soren, S/o - Lambodar Soren and in my Aadhar Card my name and my father's name has been mentioned Vide Aadhar No. 7313 7984 3531 as Baghray Saren, S/o - Lambudhar Saren, but both the names are one and same person. Henceforth my name and my father's name shall be known as Baghray Saren, S/o - Lambudhar Saren in all respect.

Baghray Saren

ବାବା ତିଲ୍‌କା ମାଝୀଙ୍କୁ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଘୋଷଣା କରିବାକୁ ମାରିସାର ଦାବି

ବାରିପଦା , ୧୧/୨ (ନି.ପ୍ର): ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା) ପକ୍ଷରୁ ଆଜି ମହାନ ସ୍ୱାଧୀନତା ସଂଗ୍ରାମୀ ବାବା ତିଲ୍‌କା ମାଝିଙ୍କ ଜୟନ୍ତୀ ସ୍ଥାନୀୟ ହୋଲି ପ୍ୟାଲେସ୍ ତଖତପୁରଠାରେ ପାଳିତ ହୋଇଯାଇଛି । ଏଥିରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ମୁଖ୍ୟ ଅତିଥି, ଜିଲ୍ଲା କାର୍ଯ୍ୟକାରି ସଭାପତି ଦାସମାତ୍ ହେମ୍ବ୍ରମ୍ ମୁଖ୍ୟବକ୍ତା, ଯୁବ ନେତା ଲିଟୁ ବାସ୍କେ ଏବଂ ଜିଲ୍ଲା ଉପ ସଭାପତି ରବିନ୍ଦ୍ର ମାର୍ଣ୍ଡି ସମ୍ମାନିତ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ରଖି ଦିବସର ତାତ୍ପର୍ଯ୍ୟତା ସଂପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ମାରିସାର ଏକ ପ୍ରତିନିଧି ଦଳ ଜିଲ୍ଲା ପ୍ରଶାସନ କରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୦ ଦଫା ଦାବୀପତ୍ର ପ୍ରଦାନ କରିଛନ୍ତି । ୧୮୧୭ ବିଦ୍ରୋହର ୧୦୦ ବର୍ଷ ପୂର୍ବରୁ ୧୭୮୧ ମସିହାରୁ ୧୭୮୪ ପର୍ଯ୍ୟନ୍ତ ବ୍ରିଟିଶମାନଙ୍କ ବିରୁଦ୍ଧରେ ଲଢ଼ିଥିଲେ ଏବଂ ଶେଷରେ ୧୭୮୫ ମସିହାରେ ଭାଗଲପୁର ଆଦିମପୁରରେ ସେ ସହିଦ ହୋଇଗଲେ । ଏହାସତ୍ତ୍ୱେ ତାଙ୍କୁ ଭାରତ ଇତିହାସରେ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଥମ ସହିଦର ମାନ୍ୟତା ମିଳିନାହିଁ । ଏବେ ତାହା ଘୋଷଣା କରିବାକୁ ମାରିସା ପକ୍ଷରୁ ଦୃଢ଼ ଦାବି କରାଯାଇଛି । ଉପସ୍ଥାପିତ ୨୦ଟି ପ୍ରସଙ୍ଗ ମଧ୍ୟରୁ ବାରିପଦାଠାରେ ମହାନ ସ୍ୱାଧୀନତା ସଂଗ୍ରାମୀ ବାବା ତିଲକା ମାଝୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ, ଯେଉଁମାନଙ୍କ ମାତୃଭାଷା ସାନ୍ତାଳୀ ସେମାନେ ସମସ୍ତେ ୨୦୨୫ ସୁଦ୍ଧା ଅଲଚିକି ଲିପି ସାନ୍ତାଳୀ ଭାଷାରେ ଲେଖା ପଢି ପାରୁଥିବା, ପ୍ରାଥମିକସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅଲଚିକି ଶିକ୍ଷାଦାନ ସୁନିଶ୍ଚିତ, ମୟୂରଭଞ୍ଜରେ ସାନ୍ତାଳୀ ଶିକ୍ଷା ପରିଷଦ ବା ସାନ୍ତାଳୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ନାମ ଫଳକରେ ଉଭୟ ଓଡିଆ, ଇଂରାଜୀ ସହିତ ଅଲଚିକିରେ ଲେଖାଯିବା, ସାନ୍ତାଳୀ ସାହିତ୍ୟ ଏକାଡେମୀ ଖୋଲିବା, ବାରିପଦାରେ ପଣ୍ଡିତ ରଘୁନାଥ ମୁର୍ମୁ ଟ୍ରାଇବାଲ ରିସର୍ଚ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିଷ୍ଠା, ସାନ୍ତାଳୀ ସଙ୍ଗୀତ ନାଟକ ଏକାଡେମୀ, ସୁନାରାମ ସୋରେନ ସାନ୍ତାଳୀ ପାଠାଗାର ପ୍ରତିଷ୍ଠା କରାଯିବା, ଓଡିଶାରେ ସାନ୍ତାଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ବା ସଂଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନ ଆଦି ପ୍ରସଙ୍ଗ ରହିଛି। ଏହି କାର୍ଯ୍ୟକ୍ରମରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ସମେତ ଜିଲ୍ଲା ସାଧାରଣ ସମ୍ପାଦକ ଚାନ୍ଦ ତାରାଶ୍ ମାର୍ଣ୍ଡି, ଜିଲ୍ଲା ଉପ ସଭାପତି ରବିନ୍ଦ୍ର ମାର୍ଣ୍ଡି, ନବ ମାର୍ଣ୍ଡି, ମୁକେଶ ମାର୍ଣ୍ଡି, ଅଜିତ୍ ନାଏକ, ଲମ୍ବୋଦର ମାଝୀ,ସତ୍ୟଜିତ୍ ମହାନ୍ତ, ଡମାନ ସିଂ ପ୍ରମୁଖଙ୍କ ସମେତ ଅନେକ କର୍ମକର୍ତ୍ତା ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବାବା ତିଲକା ମାଝୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ସାରନା ଧର୍ମ ରୀତିନୀତି ଅନୁସାରେ ପୂଜା ସଂପନ୍ନ କରାଯାଇଥିଲା ।

ମା' ସିଦ୍ଧିଦାତ୍ରୀ ଚଣ୍ଡୀ ମନ୍ଦିରର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଓ ବାବା ସିଦ୍ଧେଶ୍ୱର ମହାଦେବଙ୍କ ବିଗ୍ରହ ଓ ନୂତନ ମନ୍ଦିର ପ୍ରତିଷ୍ଠା

କପ୍ତିପଦା, ୧୧/୨ (ନି.ପ୍ର): କପ୍ତିପଦାର ପ୍ରସିଦ୍ଧ ମା' ସିଦ୍ଧିଦାତ୍ରୀ ଚଣ୍ଡୀ ମନ୍ଦିରର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଓ ବାବା ସିଦ୍ଧେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହାଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଗତ ୮ତାରିଖ ସକାଳେ ବବା ସିଦ୍ଧେଶ୍ୱର ମହାରୁଦ୍ରଙ୍କ ମନ୍ଦିରର ରତ୍ନଗର୍ଭ ପୂଜା ଏବଂ ସଂନ୍ଧ୍ୟାରେ ଅଧିବାସ ଓ ଅଙ୍କୁରାର୍ପଣ କାର୍ଯ୍ୟ ସମାପନ ହୋଇଥିଲା । ଏହି ଅବସରରେ ୯ତାରିଖ ସକାଳେ ଯଜ୍ଞ କାର୍ଯ୍ୟ ଉପଲକ୍ଷେ ନିକଟସ୍ଥ ସୋନନଦୀର ସଡକସାହି ଘାଟରୁ ଶ୍ରଦ୍ଧାଳୁ ମହିଳା ପୁରୁଷ ଭକ୍ତମାନଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇ ଗ୍ରାମ ଓ ବଜାର ପରିକ୍ରମା କରି ପୂଜା ମଣ୍ଡପ ନିକଟରେ କଳସ ସ୍ଥାପନ କରାଯାଇଥିଲା । ଏହାପରେ ସୂର୍ଯ୍ୟପୂଜା, ଗୋ ପୂଜା,ଶିବମନ୍ଦିରର ପ୍ରତିଷ୍ଠା,ମହାରୁଦ୍ରଙ୍କର ବିଗ୍ରହ ପ୍ରତିଷ୍ଠା,ତ୍ରୀଶୂଳ ଧ୍ୱଜ ସ୍ଥାପନ,ରୁଦ୍ରାଭିଷେକ, ଘୃତକାର୍ଯ୍ୟ କରାଯାଇଥିଲା । ପରେ ପୂଜକଙ୍କ ଦ୍ୱାରା ଯଥାବିଧି ଅଗ୍ନିସ୍ଥାପନ କାର୍ଯ୍ୟ ହେବାପରେ ଆରତୀ କାର୍ଯ୍ୟ ଅନୁଷ୍ଠିତ ଟହୋଇଥିଲା । ସେହିପରି ୧୧ ତାରିଖରେ ସୂର୍ଯ୍ୟପୂଜା, ଗୋ ପୂଜା, ମା' ଙ୍କର ଷୋଡଶ ଉପଚାର,ଚଣ୍ଡୀପାଠ,ଗୀତାଯଜ୍ଞ ଓ ସର୍ବଦେବାଦେବୀଙ୍କ ପୂଜାର୍ଚ୍ଚନା ପରେ ସଂନ୍ଧ୍ୟାରେ ଆରତୀ କରାଯାଇଥିଲା । ପରେ ଓଡିଶାର ସୁନାମଧନ୍ୟ ସଂଗୀତ ନିଦ୍ଦେର୍ଶକ ତଥା କଣ୍ଠଶିଳ୍ପୀ ସୁବାଷ ଦାସଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ଏହି ପୂଜା କାର୍ଯ୍ୟରେ କର୍ତ୍ତା ଭାବେ ମନ୍ଦିରର ପ୍ରତିଷ୍ଠାତା ସସ୍ତୀକ ଉମେଶ ଚନ୍ଦ୍ର ମିଶ୍ର ଓ ରୁକ୍ମଣୀ ମିଶ୍ର କାର୍ଯ୍ୟ ସଂପାଦନ କରିଥିଲେ । ଆସନ୍ତାକାଲି ମା'ଙ୍କର ୧୦୮ ଆଳତୀ ସହିତ ପୂର୍ଣ୍ଣାହୂତି ଦିଆଯିବ ଏବଂ ପଣ୍ଡିତ ଶିବ ରଥଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ମୁଖ୍ୟଙ୍କ ସୂତ୍ରରୁ ପ୍ରକାଶ । ମୁଖ୍ୟ ପଣ୍ଡିତ ବାନାୟର ଦେବତା, ପଣ୍ଡିତ ଶୀତାକାନ୍ତ ଶତପଥୀ, ରଂଜନ କୁମାର ଦାସ, ଉଷାକାନ୍ତ ଦାଶ, ସୁରେନ୍ଦ୍ର ପାଣି,ରଂଜନ କୁମାର ତ୍ରିପାଠୀ, ମାନସ କୁମାର ପଣ୍ଡା, ସୁମନ୍ତ କୁମାର ତ୍ରିପାଠୀ, ଓ ଚକ୍ରଧର ପଣ୍ଡା ପ୍ରମୁଖଙ୍କ ମନ୍ତ୍ରଧ୍ୱନୀରେ ମା' ଚଣ୍ଡୀ ମନ୍ଦିରର ଆଖପାଖ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ପଞ୍ଜିକାରେ ବିଭ୍ରାନ୍ତିକର ତଥ୍ୟ ଦେଲେ...

ଏଥିରେ କୌଣସି ତ୍ରୁଟି ରହିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି। ଶ୍ରୀମନ୍ଦିରର ନୀତିକାନ୍ତି ପାଇଁ ମୁକ୍ତି ମଣ୍ଡପ ଅନୁମୋଦିତ ପଞ୍ଜିକାକୁ ଗ୍ରହଣ କରାଯାଏ। ତେଣୁ କ୍ୟାଲେଣ୍ଡର ବଦଳରେ ଏହି ୫ଟି ପଞ୍ଜିକାକୁ ଶ୍ରୀମନ୍ଦିର ନୀତିକାନ୍ତି ସମ୍ପର୍କରେ ବ୍ୟବହାର କରିବାକୁ ଅନୁରୋଧ କରିଛନ୍ତି ପୂଜାପଣ୍ଡା ସେବାୟତ। ପଣା ସଂକ୍ରାନ୍ତିରୁ ଦୀପାବଳି, ବିଜୟା ଦଶମୀରୁ ବସନ୍ତ ପଞ୍ଚମୀ। ଚଳିତ ବର୍ଷ ଭିନ୍ନ ଭିନ୍ନ ପଞ୍ଜିକାରେ ଏସବୁର ଭିନ୍ନ ଭିନ୍ନ ତାରିଖକୁ ନେଇ ଦେଖାଦେଇଥିଲା ଦ୍ୱନ୍ଦ୍ୱ। କେତେକ ପାଞ୍ଜିରେ ତିଥି ଓ ତାରିଖ ତାଳମେଳ ରହୁନଥିବାରୁ ସାଧାରଣରେ ପ୍ରକାଶ ପାଇଥିଲା ଅସନ୍ତୋଷ। ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୨୫-୨୬ ବର୍ଷର ସମସ୍ତ ପଞ୍ଜିକାରେ ଶ୍ରୀମନ୍ଦିରରେ ପାଳନ ହେଉଥିବା ପର୍ବପର୍ବାଣୀ ସମ୍ପର୍କିତ ତଥ୍ୟରେ ସମନ୍ୱୟ ରଖିବାକୁ ଅନୁରୋଧ କରାଯାଇଛି। ଅନୁମୋଦିତ ଚିଠା ଅନୁସାରେ ପଞ୍ଜିକାରେ ସଂଶୋଧନ କରିବାକୁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି। ଚଳିତବର୍ଷ ଅକ୍ଟୋବର ୨୦ ତାରିଖରେ ଦୀପାବଳି ଅମାବାସ୍ୟା ଓ ପୟାଶ୍ରାଦ୍ଧକୁ ନେଇ ପୁଣି ଦ୍ୱନ୍ଦ୍ୱ ଦେଖାଦେବାର ଆଶଙ୍କା ଥିବାରୁ ଘରେ ଏହାକୁ କେବେ ପାଳନ କରାଯିବ ଏବଂ ମନ୍ଦିରରେ କେବେ ପାଳିତ ହେବ, ତାହା ପଞ୍ଜିକାରେ ସ୍ପଷ୍ଟ କରିବାକୁ କୁହାଯାଇଛି। ହ୍ୟୁମାନ୍ ଏରର ବା ମାନବକୃତ ତ୍ରୁଟିରେ ସୁଧାର ଆଣିବା ଉପରେ ମଧ୍ୟ ଦିଆଯାଇଛି ଗୁରୁତ୍ୱ। ସରକାରୀ କ୍ୟାଲେଣ୍ଡରରେ ଥିବା ତ୍ରୁଟିକୁ ପଞ୍ଜିକା ଅନୁସାରେ ସଂଶୋଧନର ଆବଶ୍ୟକତା ଥିବା ମତ ପ୍ରକାଶ ପାଇଛି। ଶ୍ରୀମନ୍ଦିର ପ୍ରଶାସନ ନିକଟରେ ୫ଟି ପଞ୍ଜିକା ପକ୍ଷରୁ ପାଣ୍ଡୁଲିପି ଦାଖଲ ହୋଇଥିବା ବେଳେ, ରାଜ୍ୟରେ ପ୍ରଚଳିତ ଅନ୍ୟ ୩ ପଞ୍ଜିକା ଏଥିରେ ଯୋଗ ଦେଇନଥିଲେ।

ଆୟବହିର୍ଭୂତ ସମ୍ପତ୍ତି ଠୁଳ...

ଏନେଇ ଅଧିକ ତଥ୍ୟକୁ ଅପେକ୍ଷାକୁ କରାଯାଇଛି। ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଭିଜିଲାନ୍ସ ହାତରେ ଲାଗିଥିବାର ସୂଚନା ରହିଛି। ତେବେ କେତେ ପରିମାଣର ସମ୍ପତ୍ତି ଠାବ ହୋଇଛି ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଭିଜିଲାନ୍ସ ପକ୍ଷରୁ ଚଢାଉ ଜାରି ରହିଥିବା ବେଳେ ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି ଥିବା କୁହାଯାଉଛି। ଏଥିସହ

ବୁଧବାର, ଫେବୃଆରୀ ୧୨, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ମୁଖ୍ୟମନ୍ତ୍ରୀ ଅନୁଦାନ ପାଣ୍ଠିରୁ ଷଡଭୂଜ ମନ୍ଦିର ପୁନ ନିର୍ମାଣ ପାଇଁ ଉଦ୍‌ଘାଟନ

ବାଲେଶ୍ୱର , ୧୧/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାରବାଟୀ ୨୫ ନମ୍ବର ୱାର୍ଡରେ ଷଡଭୂଜ ମନ୍ଦିର ପୁନ ନିର୍ମାଣ ପାଇଁ କାଉନସିଲର ନିତ୍ୟ ଗୋପାଳ ସିଂ ଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଉଦଘାଟନ କରିଛନ୍ତି । ଏହି ଉଦ୍ଘଟାନକୁ ନେଇ ଗ୍ରାମବାସୀ ଓ ଷଡଭୂଜ ମନ୍ଦିର କମିଟି ର ସଦସ୍ୟ ମାନେ କହିଥିଲେ ଯେ ବିଧାୟକ ମାନସ କୁମାର ଦତ୍ତ ଅବହେଳିତ ହୋଇ ରହିଥିବା ମନ୍ଦିରର ଉନ୍ନତି ହେବ । ଦୂର ଦୁରନ୍ତରୁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ସଂଖ୍ୟା ବଢିବ । ଶ୍ରଦ୍ଧାଳୁ ଭକ୍ତ ମାନେ ଆନନ୍ଦ ପାଇବା ସଙ୍ଗେ ସଙ୍ଗେ ନିଜକୁ ଧନ୍ୟ ମନେ କରିବେ। ଏହି ଉଦଘାଟନ ରେ ବିଜେପିର ବରିଷ୍ଠ ନେତା, ସମାଜ ସେବୀ , ସୁରଜିତ ଦେବ , ବିଜେପି ଯୁବ ନେତା ଗୌରାଙ୍ଗ ଦାସ, ବରିଷ୍ଠ ବିଜେପି ନେତା ଯୋଗେନ୍ ଚନ୍ଦ୍ର ରଣା, ବିଜେପି ୱାର୍ଡ ସଭାପତି ଅଶୋକ ଦାସ, ମିହିର କୁମାର ବାରିକ, ହରେନ୍ ଚନ୍ଦ୍ର ରଣା , ପ୍ରସନ୍ନ କୁମାର ଦାସ, ବିଜେପି ସଭା ନେତ୍ରୀ ଆଶା ବାଡି, ମମତା ବେହେରା, ଦୀପ୍ତି କୁଣ୍ଡୁ, ପ୍ରମୋଲ କୁମାର ସିଂ, ପ୍ରଦୀପ କୁମାର ଦାସ, ପରମା ନନ୍ଦ ଦାସ, ରୁଦ୍ର ନାରାୟଣ ବେରା, ଶକୁନ୍ତଳା ଦାସ , ମନୋରଞ୍ଜନ ଦାସ , ରବୀନ୍ଦ୍ର ରଣା, ମ୍ୟୁନିସପାଲିଟି ଇଞ୍ଜିନିୟର ହରିନାରାୟଣ ଜେନା, ରବୀନ୍ଦ୍ର କୁମାର ସାହୁ , ଭାସ୍କର ରଣା, ଟୁନୁ ସାହୁ, ମଞ୍ଜୁଲତା ମହାଳିକ, ସୁଧୀର ପାଣିଗ୍ରାହୀ , ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସହିଦ୍ ତିଲକା ମାଂଝୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ

ନୀଳଗିରି, ୧୧/୨ (ନି.ପ୍ର): ପରାଧୀନ ଭାରତକୁ ଯେଉଁ କିଛିଜଣ ମହାନ୍ ବ୍ୟକ୍ତିଙ୍କ ସାହାସ ପରାକ୍ରମ ପାଇଁ ଉପନିବେଶବାଦି ବିଦେଶୀ ଇଂରେଜ ମାନଙ୍କୁ ଦେଶ ଛାଡ଼ିବାକୁ ବାଧ କରିଥିଲା ତନ୍ମଧ୍ୟରୁ ଦେଶର ପ୍ରଥମ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସହୀଦ ବାବା ତିଲକା ମାଂଝୀ (ମୁର୍ମୁ) ଅନ୍ୟତମ। ୧୮୫୭ମସିହାରେ ପ୍ରଥମ ସିପାହୀ ବିଦ୍ରୋହର କର୍ଣ୍ଣଧାର ତଥା ପ୍ରଥମ ସ୍ୱାଧୀନତା ସଂଗ୍ରାମୀ କୁହାଯାଉଥିବା ସହିଦ୍ ମଙ୍ଗଳ ପାଣ୍ଡେଙ୍କ ବିଦ୍ରୋହର ୯୦ବର୍ଷ ପୂର୍ବରୁ ପୂର୍ବର ବିହାର ରାଜ୍ୟ ବର୍ତ୍ତମାନର ଝାଡ଼ଖଣ୍ଡ ରାଜ୍ୟ ଭାଗଲପୁର ତିଲକପୁର ଠାରେ ୧୧.୨.୧୭୫୦ମସିହାରେ ଜନ୍ମିତ ତିଲକା ମାଂଝୀ ୧୭୭୧ରୁ ୧୭୮୪ମସିହା ପର୍ଯ୍ୟନ୍ତ ଇଂରେଜ ମାନଙ୍କ ବିରୋଧରେ ଆନ୍ଦୋଳନ କରି ଇଂରେଜ ଶାସକଙ୍କୁ ନାକେଦମ୍ କରିଥିଲେ। ଶେଷରେ କ୍ରୁର ଇଂରେଜଶାସକ ମାନେ ତାଙ୍କୁ ୧୩.୧.୧୭୮୫ମସିହାରେ ଯୁବାବସ୍ଥାରେ ଏକ ବରଗଛରେ

ଟାଙ୍ଗି ନୃଶଂସ ଭାବେ ହତ୍ୟା କରିଥିଲେ। ଏଭଳି ମହାନ ବୀରପୁତ୍ରଙ୍କର ଜନ୍ମଜୟନ୍ତୀକୁ ଫେବୃଆରୀ ୧୧ତାରିଖ ଦେଶ ତଥା ଦେଶ ବାହାରେ ଥିବା ଆଦିବାସୀ ସଂପ୍ରଦାୟର ଲୋକମାନେ ମହାଧୁମଧାମରେ ପାଳନ କରୁଥିବା ବେଳେ ଆଜି ନୀଳଗିରି ବ୍ଲକ୍ ନରଣପୁର ପଞ୍ଚାୟତ ଦଲକିସାହି ଠାରେ ବାବା ତିଲକା ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ବ୍ଲକ ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ ଏବଂ ପୂର୍ବତନ ଇଣ୍ଡିଆନ ବ୍ୟାଙ୍କର ଚିଫ୍ ମ୍ୟାନେଜର ଗୋପାଳ ଚନ୍ଦ୍ର ମାଝୀ ମିଳିତ ଭାବେ ବାବା ତିଲକା ମାଂଝୀଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ଫିତାକାଟି ଉନ୍ମୋଚନ କରିଥିଲେ। ଶହଶହ ଆଦିବାସୀ ଉକ୍ତ ଉତ୍ସବରେ ପାରମ୍ପରିକ ବାଦ୍ୟ ଓ ନୃତ୍ୟର ତାଳେ ତାଳେ ଉତ୍ସବକୁ ରୁଦ୍ଧିମନ୍ତ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ସଭାର ଗୌରବମଣ୍ଡନ କରିଥିଲେ। ବିଶିଷ୍ଟଅତିଥି ଭାବେ ରିଜର୍ଭ ବ୍ୟାଙ୍କର ପୂର୍ବତନ ସିଜିଏମ ମଦନ ମୋହନ ମାଝୀ, ବ୍ୟାଙ୍କ ଅଫ ଇଣ୍ଡିଆର ପୂର୍ବତନ ଶାଖା ପରିଚାଳକ ଶରତ ଚନ୍ଦ୍ର ମାଝୀ, ଅବସରପ୍ରାପ୍ତ ଜେଲ ଡିଆଇଜି ରଘୁନାଥ ମାଝୀ, ନରଣପୁର ପଞ୍ଚାୟତ ସମିତି ସଭ୍ୟା ବିଦ୍ୟୁତପ୍ରଭା ପାତ୍ର, ବରିଷ୍ଠ ବିଜେଡି ନେତା ଗଙ୍ଗାଧର ମିଶ୍ର, ରାଜୀବ ଦାସବାବୁ ମଞ୍ଚାସିନ ରହି ବାବା ତିଲକାଙ୍କ ତ୍ୟାଗମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ପ୍ରଭାତ ମୁର୍ମୁ, ସୋମନାଥ ଟୁଡୁ, ଶତ୍ରୁଘ୍ନ ମୁର୍ମୁଙ୍କ ସହ କ୍ଲବ୍ ସମ୍ପାଦକ ତଥା ମାଝୀ ହାଡ଼ାମ୍ ପାରାନ୍ ମାଝୀ, ଫକୀରା ମାଝୀ, ପରମାନନ୍ଦ ମାଝୀ, କାହ୍ନୁ ମାଝୀ, ଦୁଲାରୀ ମାଝୀ, ଫାଟୁ ମାଝୀ ପ୍ରମୁଖ ସାମିଲ ରହି ସହଯୋଗ କରିଥିଲା ବେଳେ ୨୧ଟି ଗ୍ରାମର ମାଝୀ ହାଡାମ୍ ସାମିଲଥିଲେ।

ଛେଳି ବୋଝେଇ ପିକଅପ ହାଇଜାକ୍

ବସ୍ତା , ୧୧/୨ (ନି.ପ୍ର): ପୁଣି ସକ୍ରିୟ ହେଲେ ରାଜପଥ ଲୁଟେରା। ୬୦ ନମ୍ବର୍ ଜାତୀୟ ରାଜପଥ ର ବସ୍ତା ଥାନା କୁଣ୍ଡପୁର ଛକ ନିକଟରୁ ଛେଳି ବୋଝେଇ ପିକଓପ ଭେନ କୁ ହାଇଜାକ୍ କରିନେଲେ ଲୁଟେରା। ପ୍ରାପ୍ତ ସୂଚନା ମୁତାବକ ଆଜି ଭୋର ସମୟରେ ପଶ୍ଚିମବଂଗରୁ ଓଡିଶା ଅଭିମୁଖେ ୧୦୦ ରୁ ଉର୍ଦ୍ଧ ଛେଳି ବୋଝେଇ କରି ଆସୁଥିବା ଏକ ପିକପଭ୍ୟାନ କୁ କୁଣ୍ଡପୁର ଛକ ନିକଟରେ ଏକ ନମ୍ବର୍ ବିହୀନ ବୋଲେରୋରେ ପାଞ୍ଚ ଜଣ ଦୃବୃତ ଆସି, ପିକଅପ ଭେନରେ ଥିବା ଡ୍ରାଇଭର ସମେତ ତିନ ଜଣକୁ ମାଡ଼ ମାରି ଛେଳି ବୋଝେଇ ପିକଅପ ଭେନକୁ ହଇଯାକ କରି ନେଇଛନ୍ତି। ଏନେଇ ବସ୍ତା ଥାନାରେ ଗାଡ଼ି ଚାଲକ ଅଭିଯୋଗ କରିଥିବା ଜଣା ପଡ଼ିଛି। ଅଭିଯୋଗ ପରେ ବସ୍ତା ପୋଲିସର ଛାନ ଭିନ୍ ଜାରି ରହିଛି।

ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୮ମ ମ୍ୟାଚ: ରାଇରଙ୍ଗପୁର ବିପୁଳ ରନରେ ବିଜୟୀ

ବାରିପଦା, ୧୧/୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ମିଳିତ ଆନୁକୂଲ୍ୟରେ ମୟୁରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୮ମ ମ୍ୟାଚରେ ରାଇରଙ୍ଗପୁର କ୍ଲବ ମୟୁରଭଞ୍ଜ (ଏ) କୁ ୧୪୯ ରନରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ରାଇରଙ୍ଗପୁର ୩୫ ୩୫ ଓଭରରେ ୯ ଉଇକେଟ ହରାଇ ୨୦୪ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଏମ ବାଲକୃଷ୍ଣ ୭୭ ଓ ଅମନ ମହାନ୍ତି ୬୭ ରନ କରିଥିବା ବେଳେ ବିପକ୍ଷ ଦଳର ସୁବ୍ରତ ମହାନ୍ତ ୩ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ମୟୁରଭଞ୍ଜ (ଏ) ୧୯. ୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୫୫ ରନ ସଂଗ୍ରହ କରିପାରିଥିଲେ । ଦଳ ପକ୍ଷରୁ କୌଣସି ଖେଳାଳି ସଫଳ ହୋଇନଥିବା ବେଳେ ବିପକ୍ଷ ଦଳର ମାନସ ରଞ୍ଜନ ପଟ୍ଟନାୟକ ୩ଟି ଉଇକେଟ ଅକ୍ତିଆର କରିଥିଲେ । ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମିତ କୁମାର ମହାରଣା ସ୍କୋରିଂ ରେ ସହାୟତା ପ୍ରଦାନ କରିଥିଲେ । ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଆସନ୍ତା କାଲି ଡି ଆର କେ (ଏ) ଓ ରାଇରଙ୍ଗପୁର ମଧ୍ୟରେ ଖେଳ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।

ବର୍ଜ୍ୟବସ୍ତୁ ପରିଚାଳନା ନେଇ କର୍ମଶାଳା

ରାଉରକେଲା, ୧୧/୨ (ନି.ପ୍ର): ଏସ.ପି.ସି.ବି. ଏବଂ ହୁଲାଡ଼େକ ର ମିଳିତ ଆନୁକୂଲ୍ୟରେ ଇ - ୱେଷ୍ଟ ପରିଚାଳନା ନେଇ ଏକ କର୍ମଶାଳା ଆଜି ସ୍ଥାନୀୟ ବ୍ରାହ୍ମଣୀ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି । ସେ ଭିତିପ୍ରବନ୍ଧ ଉପସ୍ଥାପନା କରି ଇ - ୱେଷ୍ଟ ପରିଚାଳନା ନେଇ ରହିଥିବା ବିଭିନ୍ନ ନିୟମ ସମ୍ପର୍କରେ ଆଲୋକପାତ କରିଥିଲେ । ଏଣିକି ରାଉରକେଲାରେ ଇଲେକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁ ସମସ୍ୟା ଦୂରୀଭୂତ ପାଇଁ ପ୍ରଚଳିତ ବ୍ୟବସ୍ଥାର ସୁଯୋଗ ନେବାକୁ ସେ ସହରବାସୀଙ୍କୁ ନିବେଦନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆରଏସପି ର ପରିବେଶ ବିଭାଗ ଜି.ଏମ ପି. ସି. ଦାସ, ରାଉରକେଲା ଚ୍ୟାମ୍ବର ଅଫ କମର୍ସ ଆଣ୍ଡ ଏଣ୍ଡଷ୍ଟ୍ରି ର ସଭାପତି ପ୍ରଭାତ ତିବ୍ରିୱାଲ, ଲୟନ୍ସ ଇଂଟର ନେସନାଲର କାଉନସିଲ ସେକ୍ରେଟାରୀ ପ୍ରାବୀନ ଅଗ୍ରୱାଲ, ହୁଲାଡ଼େକ ରିସାକ୍ଲିଙ୍ଗ ପ୍ରାଇଭେଟ ଲିମିଟେଡ଼ ର ଫାଉଣ୍ଡର ତଥା ଏମଡି ନନ୍ଦନ ମଲ୍ଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଂଚାସିନ ରହିବା ସହ ଇ - ୱେଷ୍ଟ ପରିଚାଳନାରେ ବିଭିନ୍ନ ଶିଳ୍ପ ଓ କମ୍ପାନୀ ଭୋଗୁଥିବା ସମସ୍ୟା, ସହରବାସୀଙ୍କ ସମସ୍ୟା, ଇ - ୱେଷ୍ଟ ପରିଚାଳନା ରୁଲ ୨୦୨୨ ସମ୍ପର୍କରେ ଅତିଥି ମାନେ ଆଲୋଚନା କରିଥିଲେ ।

ଏକ ଦିବସୀୟ ବ୍ଲକସ୍ତରୀୟ ଆଇନଗତ ସଚେତନତା କର୍ମଶାଳା ଆୟୋଜିତ

ବାଲେଶ୍ୱର, ୧୧/୨ (ନି.ପ୍ର): ମହିଳାଙ୍କ ମୌଳିକ ଅଧିକାରର ସୁରକ୍ଷା ଲାଗି ଆଇନଗତ ଢାଞ୍ଚାକୁ ସୁଦୃଢ଼ କରିବା ଏବଂ ନ୍ୟାୟ ବ୍ୟବସ୍ଥାକୁ ବ୍ୟାପକ ଗୁରୁତ୍ୱକୁ ଦେବା ପାଇଁ ଆଜି ବାଲେଶ୍ୱର ସଦର ମହକୁମାସ୍ଥିତ ଟାଉନ ହଲଠାରେ ପୂର୍ବାହ୍ନ ଘ ୧୧ ଟିକା ସମୟରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଦ୍ୱାରା ଅନୁଷ୍ଠିତ ତଥା ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ଦିବସୀୟ ବ୍ଲକସ୍ତରୀୟ ଆଇନଗତ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଗୌରୀମଣି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଅଧକ୍ଷ, ଜିଲ୍ଲା ପରିଷଦ ବାଲେଶ୍ୱର ଶ୍ରୀ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ସଂସାଧନ ସଭ୍ୟ ଶ୍ରୀ ଗୋପାଳ କୃଷ୍ଣ କର ଏବଂ ସଂସାଧନ ସଭ୍ୟା ଶ୍ରୀମତୀ

ସ୍ନେହଲତା ଦାସପତି ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍ଘାଟନୀ ଅଧିବେଶନରେ ଲିଙ୍ଗଗତ ସମାନତାର ମୌଳିକ ଧାରଣା ଏବଂ ଲିଙ୍ଗ ଭିତ୍ତିକ ହିଂସାର ବିଭିନ୍ନ ରୂପ ଉପରେ ଆଲୋକପାତ କରାଯାଇଥିଲା। ଅପହରଣ, ଚାଲାଣ, ଯୌନ ନିର୍ଯାତନା, ଦୁଷ୍କର୍ମ, ହତ୍ୟା ଭଳି ପ୍ରଚଳିତ ବିଭିନ୍ନ ସାମାଜିକ ଅପରାଧ, ଲିଙ୍ଗଗତ ସମାନତା, ଲିଙ୍ଗ ଭିତ୍ତିକ ହିଂସା ଏବଂ ସମାଜ ଉପରେ ଲିଙ୍ଗଗତ ଭେଦଭାବର କୁପ୍ରଭାବ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ଓ ଏଥି ସହିତ ଆଇନଗତ ଦୃଷ୍ଟାନ୍ତ, ଯୁଗାନ୍ତକାରୀ ରାୟ, ପ୍ରତିଷେଧକ ବ୍ୟବସ୍ଥା, ଗୋଷ୍ଠୀଗତ ଉତ୍ତରଦାୟିତ୍ୱକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ସେହି ଭଳି ଦ୍ୱିତୀୟ ଅଧିବେଶନରେ ବିଶେଷ କରି ମହିଳାମାନଙ୍କୁ ହିଂସାରୁ ସୁରକ୍ଷା ପ୍ରଦାନ କରୁଥିବା ଆଇନ ଉପରେ ଗୁରୁତ୍ୱାରୋପ କରାଯାଇ ଆଇନଗତ ସୁରକ୍ଷା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା । ଏହି ଅଧିବେଶନରେ ଘରୋଇ ହିଂସା ଆଇନର ବ୍ୟବସ୍ଥା, କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ସମ୍ପର୍କିତ ଆଇନ ଏବଂ ମହିଳା ସୁରକ୍ଷାକୁ ସୁଦୃଢ଼ କରୁଥିବା ସାମ୍ପ୍ରତିକ ଅପରାଧିକ ଆଇନ ସଂଶୋଧନର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା ହୋଇଥିଲା। ଯୋଜନା ଏବଂ ଆଇନଗତ ସହାୟତା ଉପଲବ୍ଧ କରାଇବା ଉପରେ ଉଦଯାପନୀ ଅଧିବେଶନରେ ଆଲୋଚନା ଅନୁଷ୍ଠିତ ହୋଇଥିଲା ଓ ତତ୍ସହିତ ଅଧିବେଶନରେ ମାଗଣା ଆଇନ ସହାୟତା ସେବା, ଯୋଗ୍ୟତା ମାନଦଣ୍ଡ, ମହିଳା ସଶକ୍ତିକରଣ ପାଇଁ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ଏଠାରେ ସୂଚନା ଥାଉ କି ଆସନ୍ତା ତା ୧୨ ରିଖରେ ରେମୁଣା ବ୍ଲକ ଓ ତା ୧୩ ରିଖରେ ନୀଳଗିରି ଓ ସିମୁଳିଆ ବ୍ଲକଠାରେ ଏହି ଏକଦିବସୀୟ ବ୍ଲକସ୍ତରୀୟ ଆଇନଗତ ସଚେତନତା କର୍ମଶାଳା ଆୟୋଜିତ ହେବ ।

ବାଲେଶ୍ୱର ଆଇନ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ

ବାଲେଶ୍ୱର, ୧୧/୨ (ନି.ପ୍ର): ବଣପାରିଆସ୍ଥିତ ବାଲେଶ୍ୱର ଆଇନ ମହାବିଦ୍ୟାଳୟେର ବାର୍ଷିକ ଉତ୍ସବ ଭାରାପ୍ରାପ୍ତ ଅଧକ୍ଷ ଡ. ନଗେନ୍ଦ୍ର କୁମାର ପାଢୀଙ୍କ ସଭାପତିତ୍ୱ ର ମହାଆଡ଼ମ୍ବରରେ ପାଳିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜିବୀ ହରେକୃଷ୍ଣ ଦାଶ, ଆଇନକୁ ଏକ ଆଦର୍ଶ ବୃତ୍ତି ଭାବେ ଗ୍ରହଣ କରି ସାମାଜିକ ସଂସ୍କାରର ମଂଗୁଆଳ ସାଜିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ପୂର୍ବାଂଚଳ ଆରକ୍ଷୀ ଅଧିକ୍ଷକ ଡ. ସତ୍ୟଜିତ ନାଏକ, ଆଇନ ନ୍ୟାୟ ପ୍ରଦାନ କରିବାରେ ସର୍ବଶ୍ରେଷ୍ଠ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ । ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ତଥା ପୂର୍ବତନ ସାଂସଦ ଇଂ. ରବିନ୍ଦ୍ର କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଆଇନର ଗୁରୁତ୍ୱ ଉପରେ ଅଲୋକପାତ କରିଥିଲେ । ମୁଖ୍ୟବକ୍ତା ସଂଗ୍ରାମ କୁମାର ଆଚାର୍ଯ୍ୟ ସମାଜ ସଂସ୍କାର ପାଇଁ ଛାତ୍ରଛାତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟର ନିର୍ଦ୍ଦେଶକ ମଧୁସୂଦନ ଦାସ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଡ. ଇକବାଲୁଦ୍ଦିନ୍ ଅହମ୍ମଦ ସେମାନଙ୍କର ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଭାରାପ୍ରାପ୍ତ ଅଧକ୍ଷ ଡ. ନେଗନ୍ଦ୍ର କୁମାର ପାଢୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଉପାଧକ୍ଷ ଡ. ସବେର୍ଶ୍ୱର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଅଧ୍ୟାପକ ଜୟନ୍ତ କୁମାର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ପୁରସ୍କାର ବିତରଣରେ ଅଧ୍ୟାପକ ସମ୍ରାଟ କେଶରୀ ଉଦୟସିଂହ, ଅବିନାସ ନୃସିଂହ, ସ୍ୱାଗତିକା ତ୍ରିପାଠୀ, ପ୍ରାଚୀ ବିସ୍ମୟୀ ପ୍ରିୟଦର୍ଶନୀ, ଲିସା ଦାସ, ବିଶ୍ୱଭାନୁ ପଟ୍ଟନାୟକ, ଶନ୍ତୁ ବେରା ସହେଯୋଗ କରିଥିଲେ । ଉକ୍ତ ଉତ୍ସବ ପରିଚାଳନା କରିବାରେ ଛାତ୍ରୀ ପାରଶଖାନ୍ ଏବଂ ଅଙ୍କିତା ଜେନା ଦାୟିତ୍ୱ ଗ୍ରହଣ କରିଥିଲେ । ସର୍ବଶେଷରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରଥିଲେ।

ବେତନଟୀ ଡାକ୍ତରଖାନା ପରିସରରେ ଶବ ବ୍ୟବଚ୍ଛେଦ ଗୃହ ଉଦ୍‌ଘାଟିତ

ବେତନଟୀ, ୧୧/୨ (ନି.ପ୍ର): ବେତନଟୀ ଡାକ୍ତରଖାନା ପରିସରରେ ଏକ ଶବବ୍ୟବଚ୍ଛେଦ ଗୃହ ବଡ଼ସାହି ବିଧାୟକ ଶ୍ରୀଯୁକ୍ତ ସନାତନ ବିଜୁଳିଙ୍କ କରକମଳରେ ଆଜି ଉଦଘାଟିତ ହୋଇଯାଇଛି। ଏହି ଶବବ୍ୟବଚ୍ଛେଦ ଗୃହ ବେତନଟୀ ବାସୀଙ୍କ ର ଗୋଟିଏ ସ୍ୱପ୍ନ ହୋଇ ରହିଯାଇଥିଲା। କିନ୍ତୁ ଆଜି ବଡ଼ସାହି ବିଧାୟକଙ୍କ ନିଜସ୍ୱ ପାଣ୍ଠିରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୭୦୦୦୦୦ ଲକ୍ଷ ଟଙ୍କାର ଅନୁଦାନରେ ନିର୍ମାଣ ହୋଇଥିବା ଏହି ଗୃହକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଛି। ଏଣୁ ଆଉ ବେତନଟୀ ସର୍କଲ ଅଧିନରେ ଥିବା ପାଞ୍ଚୋଟି ଥାନା ଅଞ୍ଚଳ ରେ ଯଦି କାହାରି କେଶ ଅଧିନ ମୃତ୍ୟୁ ଘଟେ ତାହାଲେ ସେମାନଙ୍କ ପରିବାରବର୍ଗ ଆଉ ଶବକୁ ନେଇ ବାରିପଦା ଯିବାକୁ ପଡିବ ନାହିଁ। ଏହି ଶବବ୍ୟବଚ୍ଛେଦ ଗୃହରେ ଶବବ୍ୟବଚ୍ଛେଦ ହୋଇପାରିବ। ତେଣୁ ବେତନଟୀ ବାସୀ ବହୁତ ଖୁସିବ୍ୟକ୍ତ କରିଛନ୍ତି। ଏହି ଉଦଘାଟନ କାର୍ଯ୍ୟକ୍ରମ ରେ ବାରିପଦା ସିଡିଏମଓ ପ୍ରଭାତ କୁମାର ବେହେରା, ବାରିପଦା ଏଡିଏମଓ ବିଜୟ କୁମାର ଦାସ, ବେତନଟୀ ଏମ ଓ ଆଇ ସି ସିପୁନ ପଣ୍ଡା,ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡାଙ୍କ ସହିତ ବେତନଟୀ ଡାକ୍ତରଖାନାର ଏନଏମ କର୍ମୀ, ଆଶା କର୍ମୀ,ବେତନଟୀ ଡାକ୍